






# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିଯୋଜିତ କରାଯାଇଥିଲା।

# ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




# ଶରଣାଗତି ଯୋଗ

ପିଲାବେଳେ ଆମେମାନେ ଏକ ଗପ ଶୁଣିଥିଲୁ। ସେଥିରେ ଯେତିକି ମଜା କଥା ଅଛି ସେତିକି ନୈତିକତା ମଧ୍ୟ ଲୁଚି ରହିଛି। ଜଣେ ମହିଳା କୃଷ୍ଣଙ୍କର ଅତି ଭକ୍ତ। ସେ ସିଦ୍ଧାନ୍ତ କରି ନେଇଥାନ୍ତି ଯେ ସେ ଯାହା କରିବେ ସବୁ କୃଷ୍ଣଙ୍କୁ ଅର୍ପଣ କରି କରିବେ। ତାଙ୍କ ଭାବ ଏତେ ଦୃଢ଼ ଓ ନିର୍ମଳ ଯେ ସେ ଗୋବରରେ ଘସି ପାରୁ ପାରୁ ଯଦି କେହି ଦେବେ 'କୃଷ୍ଣାର୍ପଣମସ୍ତୁ' ମନ୍ଦିର ପୂଜକ ଠାକୁରଙ୍କୁ ଧୋଇ ଧୋଇ ହରାଇଣ ହୋଇଯାଆନ୍ତି। କିନ୍ତୁ କ'ଣ କରାଯିବ? ପରିଶେଷରେ ସେ ଏ ସ୍ତ୍ରୀଲୋକ କଥା ଜାଣିବାକୁ ପାଇଲେ ଏବଂ ନିଶ୍ଚିତ ହୋଇଗଲେ ଯେ ଏ ସ୍ତ୍ରୀଲୋକଟି ବଞ୍ଚିଥିବା ପର୍ଯ୍ୟନ୍ତ ଠାକୁରଙ୍କ ଦେହରେ ଗୋବର ପଡ଼ିବାରୁ ଆଉ ରକ୍ଷା ନାହିଁ।

ଦିନେ ସ୍ତ୍ରୀ ଲୋକଟି ଶକ୍ତ ବେମାର ପଡ଼ିଲେ ଓ ମୃତ୍ୟୁ ସମୟ ପାଖେଇ ଆସିଲା। ମହିଳା ଜଣକ ନିଜ ମୃତ୍ୟୁକୁ ମଧ୍ୟ କୃଷ୍ଣଙ୍କୁ ଅର୍ପଣ କରିଦେଲେ। ମୃତ୍ୟୁ ଦୂତ ସିଧା କୃଷ୍ଣଙ୍କ ମନ୍ଦିରକୁ ଯାଇ ମନ୍ଦିରକୁ ଭାଙ୍ଗି ଦେଲା। କୃଷ୍ଣ ନାମ ଧ୍ୟାନ ଆଗରେ ସ୍ୱର୍ଗର ମଧ୍ୟ କିଛି ବିଶେଷ ମୂଲ୍ୟ ନାହିଁ। ତୁମର ପ୍ରତ୍ୟେକ କର୍ମ ଭଲ ହେଉ ବା ମନ୍ଦ, ଈଶ୍ୱରଙ୍କୁ ସମର୍ପିତ ହୋଇ ହେଉ। ଏପରି ହେଲେ ଚମତ୍କାର ଫଳାଫଳ ମିଳିବ। ମାଟିଆ ବା ନାଲିଆ ରଙ୍ଗର ଧାନକୁ ଭାଜି ଦେଲେ ସୁନ୍ଦର ସଫେଦ ଖଇ ମିଳୁଛି। ଏ ପରିବର୍ତ୍ତନ କେବଳ ଅଗ୍ନି ଯୋଗୁଁ ସମ୍ଭବ। ଗମହକୁ ଚୁରିଲେ ଆମେ ଶୁଭ୍ର କୋମଳ ଅଟା ପାଉ। ସେହିଭଳି ଛୋଟ ବଡ଼, ସମସ୍ତ କର୍ମ ଯଦି ଭକ୍ତିପୂର୍ଣ୍ଣ ଓ ଉତ୍ସର୍ଗୀକୃତ ଭାବେ କରାଯାଏ ତାହାହେଲେ ସେଗୁଡ଼ିକ ମଧ୍ୟ ଉଚ୍ଚମାନ ପ୍ରାପ୍ତ ହେବେ। ଭକ୍ତିଭାବ ଯୁକ୍ତ କର୍ମ ମୂଲ୍ୟବାନ ଓ ମହାନ ହୋଇଯାଏ। ସେ ଦୃଷ୍ଟିରୁ ଫୁଲଟିଏ, ବେଲପତ୍ର ବା ତୁଳସୀ ପତ୍ରଟିକୁ ସାଧାରଣ ଜିନିଷ ବୋଲି ଭାବ ନାହିଁ।

ଯାହା କରାଯାଉ, ଯଦି ତାହା ଭାବ ବିଜଡ଼ିତ, ତେବେ ସେ ସବୁ ମହାନ। ଆମେ କେତେ ବେଶୀ ଦେଲୁ ତାହା ବଡ଼ କଥା ନୁହେଁ। କି ପ୍ରକାର ଭାବର ସହ ଦେଲ, ସେ ହେଉଛି ବଡ଼। ଜିନିଷର ଗୁଣ, ମାନ, ପରିମାଣ, ଆକର ବା ମୂଲ୍ୟ ଆଦୌ ବଡ଼ କଥା ନୁହେଁ, ତାହା ଯେଉଁ ଭାବ ଓ ଭକ୍ତିର ସହ ଅର୍ପିତ ହେଲା, ତାହା ବିଚାର୍ଯ୍ୟ। ସେଥିରେ ନିହିତ ଥିବା ଆବେଗ ହିଁ ଗ୍ରହଣୀୟ। ଜୀବନରେ ଆମେ କେତେ ପରିମାଣର କର୍ମ ବା ବ୍ରତ ଆଚରଣ କଲେ ତାହା ଗଣାଯାଏ ନାହିଁ। ପ୍ରଭୁ ଚିନ୍ତାରେ ନିମଜ୍ଜିତ ହୋଇ, ପ୍ରଭୁ ଚରଣରେ ସମର୍ପିତ ଭାବ ବିଜଡ଼ିତ କୌଣସି ଗୋଟିଏ କାମ ମଧ୍ୟ ଆମକୁ ସର୍ବାଧିକ ଓ ସମ୍ପୂର୍ଣ୍ଣ ଅନୁଭୂତି ପ୍ରଦାନ କରିବ। ସଂକ୍ଷେପରେ କହିବାକୁ ଗଲେ ଆମେ ଯଦି ଆମର ସରଳ ଓ କ୍ଷୁଦ୍ର କର୍ମମାନ ଭଗବତ ପଦାର୍ପିତ ହୋଇ କରିବା ତାହାହେଲେ ମୋକ୍ଷ ପ୍ରାପ୍ତ ହେବା।

ରାଜଯୋଗରେ କଥିତ ଅଛି - କର୍ମରୁ ବିମୁଖ ହୁଅନାହିଁ। ସେଗୁଡ଼ିକୁ ପ୍ରଭୁଙ୍କୁ ଅର୍ପଣ କରିଦିଅ। ସେଗୁଡ଼ିକ ହିଁ ପୁଷ୍ପାଞ୍ଜଳି। ସାଧନା ସହ ସେଗୁଡ଼ିକୁ ନେଇ ଯାଇ ପ୍ରଭୁ ପାଦପଦ୍ମରେ ଅଜାଡ଼ି ଦିଅ। ଏକ ପକ୍ଷରେ କର୍ମ ଅନ୍ୟ ପକ୍ଷରେ ଭକ୍ତି, ଉଭୟକୁ ସଂଯୋଗ କରି ଅଗ୍ରସର ହୁଅ, ଗୋଟିଏ ସୁନ୍ଦର ଜୀବନ ଗଠନ କର। ଧାନ ବୁଣିବା ଆଉ ଧାନ ଫୋପାଡ଼ିବା ଭିତରେ ଗୋଟିଏ ବଡ଼ ବ୍ୟବଧାନ ରହିଛି। ଯାହା ବୁଣିଛ ସେଥିରୁ ଯଥେଷ୍ଟ ପାଇବ ଯାହା ଫୋପାଡ଼ି ଦେଇଛ ସେ ନଷ୍ଟ ହୋଇଗଲା। ଭଗବାନଙ୍କୁ ଯାହା ସମର୍ପି ଦେଲ ତାହା ବୁଣିବା ସଙ୍ଗେ ସମାନ। ତାହାଦ୍ୱାରା ଅମାପ ଆନନ୍ଦ ଲାଭ କରିବ, ଜୀବନକୁ ପୁତ ପବିତ୍ର ଓ ସଫଳ କରିପାରିବ।

## ଭାରତୀୟ ଜନତାପାର୍ଟି ଅନୁସୂଚିତ ଜାତି ମୋର୍ଚ୍ଚା ସାଙ୍ଗଠନିକ ବୈଠକ

ଚଣ୍ଡିଖୋଲ (ପିଏନ୍)- ଚଣ୍ଡିଖୋଲ ସ୍ଥିତ ଭାରତୀୟ ଜନତାପାର୍ଟି ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁସୂଚିତ ଜାତି ମୋର୍ଚ୍ଚା ସାଙ୍ଗଠନିକ ବୈଠକ ଜିଲ୍ଲା ସଭାପତି ପ୍ରଭାକର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଙ୍ଗଠନିକ ବୈଠକରେ ବଡ଼ଚଣା ବିଜେପିର ପାଞ୍ଚ ମଣ୍ଡଳ ସଭାପତିଙ୍କ ସହ ସମସ୍ତ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା



କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଜେପି ବିଧାୟକ ପ୍ରାର୍ଥୀ ଦିଲୀପ ମଲ୍ଲିକ, ଅନ୍ୟତମ ଅତିଥି ଭାବେ ବଡ଼ଚଣା ବିଜେପି ନେତା ତଥା ରାଜ୍ୟ ସମ୍ପାଦକ ଅମର ନାୟକ, ରାଜ୍ୟ ପଛୁଆ ବର୍ଗ ବିଜେପି ସଭାପତି ସମରେନ୍ଦ୍ର ପରିଡ଼ା, ସୂଂଗୁଡ଼ା ପଂଚାୟତ ସମିତିର ପୂର୍ବତନ ସମିତି ସଭ୍ୟ ତଥା ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିତମ ନାୟକ ପ୍ରମୁଖ ଯୋଗଦେଇ ଆଗମୀ ଦିନରେ ତୃଣମୂଳ ସ୍ତରରେ ସଂଗଠନ କିପରି ମଜବୁତ ହେଇପାରିବ ସେ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲ୍ଲାର ସାତଗୋଟି ବିଧାନସଭା କ୍ଷେତ୍ରର ଆଗଧାଡିର ଛାମୁଆ ନେତା ଓ କର୍ମୀମାନେ ସାମିଲ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିତମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣଧାରଣାକୁ ନେଇ ପ୍ରସ୍ତୁତି ବୈଠକ



ଚଣ୍ଡିଖୋଲ (ପିଏନ୍)-ଚଣ୍ଡିଖୋଲ ନିକଟ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ସୁଭଦ୍ରାପୁର ଓ ଭଡଙ୍ଗା ଛକରେ ଏକ ଗଳି ପୋଲକୁ ନିର୍ମାଣକୁ ନେଇ ଜନଅସନ୍ତୋଷ ଦେଖାଦେଇଛି ଯାହାକୁ ନେଇ ଆଗାମୀଦିନରେ ଗ୍ରାମବାସୀମାନେ ଗଣଧାରଣା ଦେବେ ବୋଲି ଗତକାଲି ଏକ ପ୍ରସ୍ତୁତି ବୈଠକରେ ସୂଚନା ଦେଇଛନ୍ତି। ସୂଚନା ଥାଉକି ଏବେ ଚଣ୍ଡିଖୋଲରୁ ଡୁବୁରୀ ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥର ଦୋହରୀକରଣ କାର୍ଯ୍ୟ ଚାଲୁରହିଛି। ଏହି ଜାତୀୟ ରାଜପଥର ଦେଇ ନିକଟବର୍ତ୍ତୀ ବଡ଼ଚଣା ଓ ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମ ଖୋସାଲିପୁର,ସୂଂଗୁଡ଼ା, ଧାନମଣ୍ଡଳ, ସୁଭଦ୍ରାପୁର, ଚାରିବାଟିଆ ଓ ଭଡଙ୍ଗା ଗ୍ରାମର ଲୋକମାନେ ପ୍ରତିଦିନ ଜାତୀୟ ରାଜପଥକୁ ଆସି ଚଣ୍ଡିଖୋଲ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇଥାନ୍ତି.ଜୀତୀୟରାଜପଥ ପାରହେଇ ଏହିଗ୍ରାମର ଶତାଧିକ ଛାତ୍ରଛାତ୍ରୀମାନେ ଅତି ବିପଦପୁର୍ଣ ଭାବେ ନିକଟରେ ଥିବା ଚଣ୍ଡିଖୋଲ କଲେଜ,ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟ, ବିଭିନ୍ନ ସରସ୍ୱତୀ ଶିଶୁମନ୍ଦିରକୁ ଯାଇଥାନ୍ତି। ଜାତୀୟ ରାଜପଥ ଦେଇ ପ୍ରତିଦିନ ଶତାଧିକ ଭାରୀଯାନ ପଡୋଶୀ କେନ୍ଦୁଝର ଓ ସୁକିନ୍ଦା ଖଣି ଅଂଚଳରୁ ଖଣିଜ ପଦାର୍ଥ ନେଇ ପାରାଦୀପ ବନ୍ଦରକୁ ଯାଇଥାନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳରୁ ମଧ୍ୟ ପ୍ରତିଦିନ ଶତାଧିକ ଭାରୀଯାନ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଏତେସବୁ ଗାଡି ଚଳପ୍ରଚଳ ଯୋଗୁ ଜାତୀୟ ରାଜପଥରେ ସବୁବେଳେ ଭିଡ ଲାଗିରହିଥାଏ। ଏହିସବୁ ସମସ୍ୟାକୁ ଆଖିଆଗରେ ରଖି ସୁଭଦ୍ରାପୁର ଗ୍ରାମର ଗ୍ରାମବାସୀମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଯାଜପୁର ଜିଲ୍ଲାପାଳ, ବିଧାୟକ ଓ ସାଂସଦଙ୍କୁ ଏକ ଦାବୀ ପତ୍ର ଦେଇଥିଲେ। ମାତ୍ର ଜାତୀୟ ରାଜପଥ ଦୋହରୀକରଣ କାମ ଚାଲୁଥିବା ବେଳେ କେବଳ ବଙ୍ଗଳା ଛକରେ ଏକ ଗଳିପୋଲର ନିର୍ମାଣ କାର୍ଯ୍ୟ ଚାଲୁରହିଛି। ସୁଭଦ୍ରାପୁର ଓ ଭଡଙ୍ଗା ଛକରେ ଏହି ଗଳିପୋଲର ଆବଶ୍ୟକତାକୁ ଆଖି ଆଗରେ ରଖି ପ୍ରଶାସନ ଖୁବ ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ କରିବାକୁ ନେଇ ଉଭୟ ଗ୍ରାମର ମୁରବୀମାନେ ଚାରିବାଟିଆ ସ୍ଥିତ ଦୁର୍ଗାମନ୍ଦିର ପରିସରରେ ହରିଦାସପୁର ସରପଂଚ ବିକ୍ରମ ବିଶ୍ୱାଳଂକ ନେତୃତ୍ୱରେ ଏକାଠି ହେଇ ଆଗମୀ ଦିନରେ ଏହାକୁ ନେଇ ଗଣଧାରଣା ଦେବାକୁ ସ୍ଥିର କରିଥିଲେ।

# ମା' ମନସା ଦେବୀ ଶକ୍ତିପୀଠ

ଶିଓ୍ୱାଲିକ୍ ପର୍ବତମାଳାରୁ ନେଇ କୁରୁକ୍ଷେତ୍ର ପର୍ଯ୍ୟନ୍ତ ୪୮କୋଷର ସିନ୍ଧୁବନରେ ଋଷି-ମୁନୀମାନେ ପୁରାଣ ରଚନା କରିଥିଲେ। ଏହି ସମସ୍ତ ଭୂଭାଗ ଦେବଧରା ନାମରେ ଜଣାଶୁଣା।



ଏହି ପରମ୍ପରାରେ ହରିଆନାର ପଞ୍ଚକୁଳାରେ ଶିଓ୍ୱାଲିକ୍ ପର୍ବତମାଳାର କୋଳରେ ସିନ୍ଧୁବନର ଶେଷ ସୀମାରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆଚ୍ଛାଦିତ ଏକଦମ ମନୋରମ ଏବଂ ଶାନ୍ତ ପରିବେଶରେ ମାତା ମନସା ଦେବୀଙ୍କ ମନ୍ଦିର ଅବସ୍ଥିତ। ଯଦି କୌଣସି ଭକ୍ତ ସଚ୍ଚା ମନରେ ଚାଳିଶ ଦିନ ପର୍ଯ୍ୟନ୍ତ ଲଗାତାର ମାତା ମନସା ଦେବୀଙ୍କର ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରନ୍ତି, ତେବେ ମାତା ମନସା ଦେବୀ ତାଙ୍କର ମନୋସ୍କାମନା ଅବଶ୍ୟ ପୂରଣ କରିଥାନ୍ତି। ମାତା ମନସା ଦେବୀଙ୍କର ଚୈତ୍ର ଏବଂ ଆଶ୍ୱିନ ମାସର ନବରାତ୍ର ପର୍ବରେ ବଡ଼ ଧରଣର ମେଳା ବସିଥାଏ। ଏହି ପର୍ବ ମାତାଙ୍କର ପ୍ରମୁଖ ପର୍ବ ଭାବେ ପାଳନ କରାଯାଏ।

ମାତା ମନସା ଦେବୀଙ୍କ ମନ୍ଦିରକୁ ନେଇ କେତେକ ଧାରଣା ଓ ମାନ୍ୟତା ପ୍ରଚଳିତ ରହିଛି। ଶ୍ରୀ ମାତା ମନସା ଦେବୀଙ୍କ ଇତିହାସ ଅନ୍ୟ ସିଦ୍ଧ ଶକ୍ତିପୀଠ ଭଳି ଅତି ପ୍ରାଚୀନ। ଶ୍ରୀ ମାତା ମନସା ଦେବୀଙ୍କ ଆବିର୍ଭାବ ହେବାର ଉଲ୍ଲେଖ ଶିବ ପୁରାଣରେ ରହିଛି।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ମା'ସତୀ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣିପାରିଲେ।



ଭଗବାନ ଶିବ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଯାହା ଦେଖିଲେ, ସେ ନିଜେ ବି ବିଶ୍ୱାସ କରିପାରିଲେ ନାହିଁ। ରାଗରେ ଜର୍ଜରିତ ହୋଇ ଭଗବାନ ଶିବ ସତୀଙ୍କ ମରଶରୀର ନିଜ ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବଦେବୀମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମାରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ସୁଦର୍ଶନ ଚକ୍ର ଦ୍ୱାରା ମା' ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚି ହୋଇ ପଡ଼ିଲା। ସର୍ବଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ।



ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ- (୧) ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା (ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା' ତାରାତାରିଣୀ(ସ୍ତନଖଣ୍ଡ), (୩) ଆସାମର ଗୌହାଟୀସ୍ଥିତ କାମାକ୍ଷା ଦେବୀ (ଜୋନିଖଣ୍ଡ) ଓ (୪) କୋଲକତାର ଦକ୍ଷିଣ କାଳୀ (ମୁଖଖଣ୍ଡ)। ଓଡ଼ିଶାରେ ମଧ୍ୟ ଗୋଟିଏ ମହାଶକ୍ତିପୀଠ ମା' "ବିରଜା" ରହିଛନ୍ତି।

ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠମାନଙ୍କ ମଧ୍ୟରେ ହିମାଚଳ ପ୍ରଦେଶର କାଙ୍ଗଡ଼ାରେ ମାତା ସତୀଙ୍କ ମସ୍ତକ ଖଣ୍ଡ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କର ଭବ୍ୟ ମନ୍ଦିର ନିର୍ମାଣ ହୋଇଥିଲା। ସେହିପରି ଏଠାରେ ମାତାଙ୍କ ମସ୍ତକ ପଡ଼ିବାରୁ ବ୍ରଜେଶ୍ୱରୀ ଦେବୀ ଶକ୍ତିପୀଠ, ଜ୍ୱାଳାମୁଖୀରେ ଜିହ୍ୱା ଖଣ୍ଡ ପଡ଼ିବାରୁ ଜ୍ୱାଳାଜୀ, ମନର ଭାଗ



ପଡ଼ିବାରୁ ଛିନ୍ନ ମସ୍ତିକା, ନୟନରୁ ନୟନ ଦେବୀ ହୋଇଛନ୍ତି। ସେହିପରି ତ୍ରିପୁରାରେ ଜଙ୍ଘ ଖଣ୍ଡ ପଡ଼ିବାରୁ ମାତା ଜୟନ୍ତୀ ଦେବୀ, କୋଲକତାରେ ଡ଼ାହାଣ ପାଦ ଅଙ୍ଗୁଳି ପଡ଼ିବାରୁ କାଳୀ ମନ୍ଦିର, ସାହାରାନପୁର ନିକଟ ଶିଓ୍ୱାଲିକ୍ ପର୍ବତ ଉପରେ ମସ୍ତକ ଖଣ୍ଡ ପଡ଼ିବାରୁ ଶକୁମ୍ଭରୀ, କୁରୁକ୍ଷେତ୍ରରେ ଗଳାର ଆଭୂଷଣ ପଡ଼ିବାରୁ ଭଦ୍ରକାଳୀ ଶକ୍ତିପୀଠ ତଥା ଶିଓ୍ୱାଲିକ୍ ଗିରିମାଳାରେ ଦେବୀଙ୍କ ମସ୍ତିସ୍କର ଅଗ୍ରଭାଗ ପଡ଼ିବାରୁ ମନସା ଦେବୀ ଶକ୍ତିପୀଠ ସୃଷ୍ଟି ହେଲା।ଏହି ଶକ୍ତିପୀଠରେ ମହାଭାରତର ପାଣ୍ଡବ ଭାଇମାନେ ବନବାସ ସମୟରେ ମାତା ମନସା ଦେବୀ ମନ୍ଦିରରେ ଦେବୀଙ୍କୁ ଆରାଧନା କରିଥିଲେ। ପାଣ୍ଡବମାନେ ବନବାସ ସମୟରେ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଏହି ଅଞ୍ଚଳକୁ ଆସିଥିବା ପ୍ରମାଣ ରହିଛି। ତେବେ ପିଞ୍ଜୌର, ସକେତଡ଼ୀ ଓ କାଲକା ଅଞ୍ଚଳରେ ପୁରାତତ୍ତ୍ୱବିତ୍‌ମାନଙ୍କ ଅନୁସନ୍ଧାନରୁ ଏଠାରେ ଯେଉଁ ପ୍ରାଚୀନ ପଦାର୍ଥ ମିଳିଛି, ତାହା ପାଷାଣ ଯୁଗର ବୋଲି କୁହାଯାଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଆଦିମ କାଳରେ ମଧ୍ୟ ଏହି କ୍ଷେତ୍ରରେ ମଣିଷର ଅବସ୍ଥାନ ଥିଲା ଓ ସେ ଦେବୀ ଦେବତାଙ୍କୁ ପୂଜା କରୁଥିଲେ। ଏଣୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କ ମନ୍ଦିର ବିଦ୍ୟମାନ ଥିବା ଜଣାପଡୁଛି। ବର୍ଷର ବିଭିନ୍ନ ସମୟରେ ମାତା ମନସା ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ମାତା ମନସା ଦେବୀଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତା ମନସା ଦେବୀଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦଦାୟକ ଓ ମନୋରମ।

## ୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବ ହୋଲସେଲ ମାର୍କେଟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସହର ଉପକଣ୍ଠ ଜମଧର ଗ୍ରାମପଞ୍ଚାୟତରେ ଥିବା ନିୟନ୍ତ୍ରିତ ବଜାର କମିଟି(ଆର.ଏମ.ସି.) ପରିସରରେ ନିର୍ମାଣ ହେବ ହୋଲସେଲ ବଜାର। ଏଥିପାଇଁ ୭ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହି ଅର୍ଥ ନିୟନ୍ତ୍ରିତ ବଜାର କମିଟି ତା'ର ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ କରିବ। ପରେ କେନ୍ଦ୍ର ସରକାର ଏହି ଅର୍ଥ ବହନ କରିବେ। ଏଥିପାଇଁ ୩୨ଟି ଗୋଦାମ ଗୃହ ନିର୍ମାଣ ହେବ। ଏହି ଗୋଦାମ ଗୃହରେ ଚାଷୀମାନେ ଅମଳ କରୁଥିବା ପନି ପରିବା ଓ ସାମଗ୍ରୀ ମହଜୁଦ ହୋଇ ରହିବ ବୋଲି କହିଛନ୍ତି ନିୟନ୍ତ୍ରିତ ବଜାର କମିଟିର ନିର୍ବାହୀ ଅଧିକାରୀ ଅଜୟ କୁମାର ରାଉତ। ସେ କହିଛନ୍ତି ଚାଷୀମାନଙ୍କ ସୁବିଧା ପାଇଁ ଏହା କରାଯାଉଛି। ସେହିପରି ଏହା ପରିସରରେ ୩ କୋଟି ଟଙ୍କା ବ୍ୟୟରେ ଏକ ଦୈନନ୍ଦିନ ବଜାର ମଧ୍ୟ ନିର୍ମାଣ କରାଯିବ। ସେଥିପାଇଁ ୮୦ଟି ଦୋକାନ ଗୃହ ନିର୍ମାଣ ହେବ। ଏହା ପରିସରରେ ଚାଷୀମାନେ ବିଭିନ୍ନ ପ୍ରକାର ଜିନିଷ ବିକ୍ରି କରିପାରିବେ। ନିୟନ୍ତ୍ରିତ ବଜାର କମିଟି ପରିସର ମଧ୍ୟରେ ଜାତୀୟ କୃଷି ବଜାର ଯୋଜନାରେ ୨ କୋଟି ଟଙ୍କା ବ୍ୟୟରେ ସୁନ୍ଦର ରାସ୍ତା ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଯାହା ଫଳରେ ଗାଡି ମଟର ଚାଷୀଙ୍କ ଜିନିଷ ନେଇ ଯିବା ଆସିବା କରିପାରିବ। ଏଥିସହ ଗ୍ରାହକମାନେ ମଧ୍ୟ ଗାଡିମଟର ନେଇ ଯିବା ଆସିବା କରିବା ସୁବିଧା ହେବ। ୧୯୭୯ ମସିହାରେ ଏହି ନିୟନ୍ତ୍ରିତ ବଜାର କମିଟି ଗଠନ କରାଯାଇଥିଲା। ଏଥିପାଇଁ ୧୯୮୪ ମସିହାରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଏହା ସହର ଠାରୁ ଦୂରରେ ହୋଇଥିବାରୁ ଲୋକମାନେ ଏହା ପରିସରକୁ ପନି ପରିବା ସମେତ ଅନ୍ୟାନ୍ୟ ସାମଗ୍ରୀ କିଣିବା ପାଇଁ ଆସିବାକୁ ସମସ୍ୟାରେ ପଡୁଛନ୍ତି। ଲୋକମାନଙ୍କୁ ଆକୃଷ୍ଟ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହିପରି ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ରାଉତ କହିଛନ୍ତି।

## ଖୋରଧା ଜିଲ୍ଲା ସ୍ତରୀୟ ପାଇକ ଆଖଡ଼ା ସମାବେଶ ଓ ମହୋତ୍ସବ



ଖୋର୍ଦ୍ଧା (ପିଏନ୍) - ଖୋର୍ଦ୍ଧା ପାଇକ ଆଖଡ଼ା ସଂଘ ତରଫରୁ ଉଇଲ୍‌କିସନ୍ ନଗର (ନୂଆଗାଁ) ଠାରେ ଏକ ଜିଲ୍ଲା ସ୍ତରୀୟ ପାଇକ ଆଖଡ଼ା ସମାବେଶ ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ଖୋର୍ଦ୍ଧାର ପ୍ରାକ୍ତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ରାମନାଥ କୋବିନ୍ଦ ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିବା ଜାଗାକୁ ବିନା ମୂଲ୍ୟରେ ରାଜ୍ୟ ସରକାର ଯୋଗାଇଦେବା, ସ୍କୁଲ ପାଠ୍ୟକ୍ରମରେ ପାଇକ ଆଖଡ଼ାକୁ ସ୍ଥାନ ଦେବା, ପାଇକ ଆଖଡ଼ାର ଦକ୍ଷ ଖେଳାଳୀମାନଙ୍କୁ ସୈନ୍ୟବାହିନୀ ଆଦି ଚାକିରୀ କ୍ଷେତ୍ରରେ ଅଗ୍ରାଧିକାର ଦେବା ଓ ପାଇକ ଆଖଡ଼ାକୁ ବଂଚାଇ ରଖିବା ପାଇଁ ପାଇକ ଆଖଡ଼ା ସଂଘଗୁଡ଼ିକୁ ସରକାର ଗୃହ ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଦେବା ଉଚିତ୍। ଏଥିରେ ଖୋରଧା ବିକାଶ ମଂଚର ସଭାପତି ଆଇନ୍‌ଜୀବି ନରେନ୍ଦ୍ର ପୃଷ୍ଟି, ପୂର୍ବତନ ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ମଜୁମ୍‌ଦାର, ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ସଭାପତି ଶମ୍ଭୁନାଥ ସ୍ୱାଇଁ, ଯୋଗୀନାଥ ବଳିଆରସିଂହ, ବିଜୟ କୁମାର ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପାଇକ ଆଖଡ଼ା ସହ ଓଡ଼ିଶାର ବୀରତ୍ୱ ବ୍ୟଞ୍ଜକ ଇତିହାସ ଜଡ଼ିତ ବୋଲି ମତବ୍ୟକ୍ତ କରିଥିଲେ। ଖୋରଧା ପାଇକ ଆଖଡ଼ା ସଂଘର ସମ୍ପାଦକ କବିରାଜ ପ୍ରଧାନଙ୍କ ଉଦ୍ୟମରେ ଏହି ଉତ୍ସବ ଆୟୋଜିତ ହୋଇଥିବା ବେଳେ ଉତ୍ସବର ପ୍ରାରମ୍ଭରେ ମା' ଅଁଳେଇଙ୍କ ଠାରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ପାଇକ ଆଖଡ଼ା ଦଳମାନେ ଏକ ମଶାଲ ଶୋଭାଯାତ୍ରା ସହ ପାଇକ ଆଖଡ଼ା ପ୍ରଦର୍ଶନ କରି ଗ୍ରାମ ପରିକ୍ରମା କରିଥିଲେ ଓ ମହୋତ୍ସବ ମଂଚରେ ମଧ୍ୟ ସେମାନଙ୍କର କଳାକୌଶଳ ପ୍ରଦର୍ଶନ କରିଥିଲେ।

## ଜ୍ୟୋତିର୍ବିଦ୍ ଶ୍ରୀପତି ଆଚାର୍ଯ୍ୟ ଆନ୍ତର୍ଜାତୀୟ ଜ୍ୟୋତିଷ ସଂଘ, ଆମେରିକା ଦ୍ୱାରା ସମ୍ମାନିତ

ଭୁବନେଶ୍ୱର (ପିଏନ୍) : ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ ଜଣେ ଉଚ୍ଚକୋଟୀର ଜ୍ୟୋତିର୍ବିଦ୍ ଏବଂ ବାସ୍ତୁଶାସ୍ତ୍ର ବିଶାରଦ ମଧ୍ୟ। ଜୀବନ କାଳରେ ନିଜର ମହାନ୍ ସାଧନା ଏବଂ ସଠିକ ଭବିଷ୍ୟତବାଣୀ ପାଇଁ ପୂର୍ବରୁ ଅନେକ ସମ୍ମାନର ଅଧିକାରୀ ହୋଇସାରିଛନ୍ତି। କିନ୍ତୁ ଏଥର ଆନ୍ତର୍ଜାତୀୟ ଜ୍ୟୋତିଷ ସଂଘ ଆମେରିକା ଦ୍ୱାରା ସମ୍ମାନିତ ହୋଇଛନ୍ତି। ମହାରାଷ୍ଟ୍ରର ନାଗପୁର ସହରରେ 'ଭାରତୀୟ ଅର୍ଥନୀତିର ଭବିଷ୍ୟତ' ଏବଂ 'ବୈଦିକ ଗଣିତ ଜ୍ୟୋତିଷ ଶାସ୍ତ୍ର କ୍ଷେତ୍ରରେ ବରାହମିହିର ଏବଂ ଆର୍ଯ୍ୟଭଟ୍ଟଙ୍କ ଭୂମିକା' ଶୀର୍ଷକ ଏକ ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ 'ଆନ୍ତର୍ଜାତୀୟ ଜ୍ୟୋତିଷ ସର୍ବେକ୍ଷଣ ସଂଘ, ଆମେରିକା' ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ବିଶ୍ୱର ଅନେକ ଦେଶର ବରିଷ୍ଠ ଜ୍ୟୋର୍ତିବିଦ୍ ମାନେ ଉପସ୍ଥିତ ଥିଲେ। ଏହିଠାରେ ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ, ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରୁଥିଲେ ଏବଂ ସେହିଠାରେ ସ୍ଥାନୀୟ ଅତିଥି ଭାବେ ଏବଂ ଜ୍ୟୋତିଷ ବିଦ୍ୟା କ୍ଷେତ୍ରରେ ନିଜର ସାଧନା ପାଇଁ ତାଙ୍କୁ 'ବରାହ ମିହିର ଜ୍ୟୋତିଷ ପୁରସ୍କାର' ସମ୍ମାନରେ ସମ୍ମାନିତ କରାଯାଇଛି।

## ଝିଲିକ ମୋସନ ପିକଚର ଡ଼ବଲ ଧମାକା



ଖୋର୍ଦ୍ଧା। (ପିଏନ୍)-ଝିଲିକ ମୋସନ ପିକଚରର୍ସ ଦର୍ଶକଙ୍କ ପାଇଁ ଭେଟି ଦେବାକୁ ଯାଉଛି ଡ଼ବଲ ଧମାକା। ଗୋଟିଏ ଦିନରେ ଦୁଇଟି ଚଳଚିତ୍ରର ମହୁରତ କରିଛି ଝିଲିକ ମୋସନ ପିକଚରର୍ସ। ଦୁଇଟି ଯାକ ଚଳଚିତ୍ରର ଶୁଭ ମହୁରତ ଅନୁଷ୍ଠିତ ହୋଇଛି। ଏହି ଦୁଇଟି ସିନେମା ମଧ୍ୟରୁ ଗୋଟିଏର ନାଁ ରହିଛି ତୋର ମୋର କଟି ଓ ଅନ୍ୟଟିର ନାଁ ରହିଛି ପ୍ରିୟେ ତୁ ମୋର ସିଏ। ତୋର ମୋର କଟି ଚଳଚିତ୍ରରେ ମୁଖ୍ୟ ଭୂମିକାରେ ଓଲିଉଡ଼ ମେଗାଷ୍ଟାର ସିଦ୍ଧାନ୍ତ ମହାପାତ୍ର ନଜର ଆସିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶୈଳେନ୍ଦ୍ର, ଶିତଲ, ଟୁକୁନା ଷ୍ଟାଇଲିସ, ସୁଦିପ୍ତ କାଳିଆ ଷଣ୍ଢ, ଜୀବନ ପଣ୍ଡ, ଐଶ୍ୱର୍ଯ୍ୟା, ସୁଧାଂଶୁ ମୋହନ ସାହୁ, ଟୁଟୁ ନାୟକ ପ୍ରମୁଖ ନଜର ଆସିବେ। ସେହିପରି ଦ୍ୱିତୀୟ ସିନେମା ପ୍ରିୟେ ତୁ ମୋର ସିଏରେ ଅମ୍ଳାନ ନାୟକ ଭୂମିକାରେ ନଜର ଆସିଥିବା ବେଳେ ଏଲିନା ଓ ବବି ମିଶ୍ର ମଧ୍ୟ ନଜର ଆସିବେ। ଏମାନଙ୍କ ସହ ସୋମା ଭୌମିକ ଅମର, ଗୁଡ୍ଡୁ, ଧରିତ୍ରୀ ଖଣ୍ଡୁଆଳ, ପୃଥିରାଜ ନାୟକ, ଟିଲୁ ଭାଇ ଓ ଇଲୁ ବାନାର୍ଜୀ ପ୍ରମୁଖ ଅଭିନୟ କରିଛନ୍ତି। ରମେଶ ରାଉତ ତୋର ମୋର କଟି ଚଳଚିତ୍ରରେ ନିର୍ଦ୍ଦେଶନା ଦେଇଥିବା ବେଳେ ଏଥିରେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମାନନ୍ଦ। ସେହିଭଳି ପ୍ରିୟେ ତୁ ମୋର ସିଏ ଚଳିଚିତ୍ରରେ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁଧାଂଶୁ ସାହୁ। ଏଥିରେ ବୈଦ୍ୟନାଥ ଦାସ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଉଭୟ ଚଳଚିତ୍ରର ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ଅଭିନେତ୍ରୀରୁ ପ୍ରଯୋଜନାରେ ପାଦ ଥାପିଥିବା ଝିଲିକ ଭଟ୍ଟାଚାର୍ଯ୍ୟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜ ସେବୀ ପ୍ରତିମା ଘଡ଼େଇ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଯୋଜକ ଟୁଟୁ ନାୟକ, ପ୍ରଦ୍ୟୁମ୍ନ ଲେଙ୍କା, ଅଭିନେତା ସିଦ୍ଧାନ୍ତ ମହାପାତ୍ର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ, ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଝିଲିକ ମୋସନ ପିକଚର ବ୍ୟାନରେ ରୁଦ୍ରାଣି ଓ କିସିମିସ ସୁଂଟି ଶେଷ ହୋଇ ରିଲିଜ ଅପେକ୍ଷାରେ ରହିଛି। ଆଗାମୀ ରଥ ଯାତ୍ରାରେ ରୁଦ୍ରାଣି ସିନେମାଟି ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ଘୋଷଣା କରି ସାରିଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଅଗଷ୍ଟ ୩୦**

# ସଂସ୍କାର ମାର୍ଜିତ ହେବା ଜରୁରୀ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ମନୁଷ୍ୟ ଜୀବନରେ ସଂସ୍କାରର ବଡ଼ ମହତ୍ତ୍ୱ ରହିଥାଏ । ସଂସ୍କାରର ମୂଳ ଅର୍ଥ ସୁଦ୍ଧିକରଣ ବା ପରିମାର୍ଜନ ଅଟେ । ଏବଂ ଏହି ସଂସ୍କାର ଦ୍ୱାରା ହିଁ ମନୁଷ୍ୟ ନିଜର ସହଜ ପ୍ରବୃତ୍ତି ଗୁଡ଼ିକର ପୂର୍ଣ୍ଣ ବିକାଶ କରି ନିଜର ଏବଂ ସମାଜର ଉଭୟର କଲ୍ୟାଣ କରିଥାଏ ।ଏହି ସଂସ୍କାର ହିଁ ମନୁଷ୍ୟର ପ୍ରକୃତ ସୁଦ୍ଧିକରଣ କରିଥାଏ ଏବଂ ମନୁଷ୍ୟ ଭିତରେ ପବିତ୍ରତା ଆଣିଥାଏ । ଯେଉଁ ସୁଦ୍ଧିକରଣ ଦ୍ୱାରା ମନୁଷ୍ୟର ଶରୀର,ମନ ଓ ମସ୍ତିଷ୍କ ବଳବାନ୍ ହୋଇ ସେ ସମାଜରେ ନିଜର ଭୂମିକା ଆଦର୍ଶର ସହ ପାଳନ କରିପାରିଥାଏ । ଆମର କଥା ,ବାର୍ତ୍ତା ,ବ୍ୟବହାର ଏବଂ ଆଚରଣରେ ହିଁ ଆମ ସଂସ୍କାର ଲୁଚି ରହିଥାଏ । ଯାହାକି ଆମକୁ ସମାଜରେ ପୂର୍ଣ୍ଣତା ଅର୍ଥାତ୍ ପୂର୍ଣ୍ଣ ସଦସ୍ୟତା ପ୍ରାପ୍ତି କରାଇଥାଏ । ଆମ ହିନ୍ଦୁ ଧର୍ମର ସଂସ୍କୃତି ଏହି ସଂସ୍କାର ଉପରେ ହିଁ ଆଧାରିତ ଅଟେ । ଆମ ଋଷି – ମୁନି ମାନେ ମନୁଷ୍ୟ ଜୀବନକୁ ପରିମାର୍ଜିତ ଅର୍ଥାତ୍ ପବିତ୍ର କରିବା ପାଇଁ ହିଁ ଏହି ସଂସ୍କାରର ଆବିଷ୍କାର କରିଥିଲେ । ଆମ ଭାରତୀୟ ସଂସ୍କୃତିର ମହାନତା ଏହି ସଂସ୍କାରରୁ ହିଁ ଅବଗତ ହୋଇଥାଏ । ବ୍ୟାସ ସ୍ମୃତିରେ ଶୋଳଟି ସଂସ୍କାରର ବର୍ଣ୍ଣନା କରାଯାଇଅଛି । ଏବଂ ଆମ ଧର୍ମ ସଂସ୍କୃତିରେ ମଧ୍ୟ ମୁଖ୍ୟ ରୂପରେ ଏହି ଶୋଳ ଗୋଟି ସଂସ୍କାରର ବର୍ଣ୍ଣନା କରାଯାଇଅଛି ।ଯଥା:- ଗର୍ଭାଧାନ ସଂସ୍କାର ,ପୁଂଶବନ ସଂସ୍କାର , ଶିମନ୍ତୋନୟନ ସଂସ୍କାର, ଜାତକର୍ମ ସଂସ୍କାର,ନାମକରଣ ସଂସ୍କାର,ନିଷ୍କ୍ରମଣ ସଂସ୍କାର, ଅନ୍ନପ୍ରାସନ ସଂସ୍କାର,ମୁଣ୍ଡନ୍ ସଂସ୍କାର,କର୍ଣବେଧନ ସଂସ୍କାର,ବିଦ୍ୟାରମ୍ଭ ସଂସ୍କାର,ଉପନୟନ ସଂସ୍କାର, ବେଦାରମ୍ଭ ସଂସ୍କାର,କେଶାନ୍ତ ସଂସ୍କାର, ସମ୍ବର୍ତ୍ତନ ସଂସ୍କାର,ବିବାହ ସଂସ୍କାର ଓ ଅନ୍ତ୍ୟେଷ୍ଟି ସଂସ୍କାର ଇତ୍ୟାଦି । ଆମ ଦେଶର ମହାନ୍ ସଂସ୍କୃତି ଏକ ପ୍ରକାର ଏହି ସଂସ୍କାରର ହିଁ ଅଟେ ।ଯାହା ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ବଡ଼ ମହତ୍ତ୍ୱ ରହିଥାଏ ।ଏହି ସଂସ୍କାରର ହିଁ ଜୀବନର ଆଭୂଷଣ ହୋଇଥାଏ ଯାହା ବ୍ୟକ୍ତିର ମୂଲ୍ୟ ଏବଂ ସମ୍ମାନ କୁ ବହୁତ୍ ମାତ୍ରାରେ ବଢ଼ାଇ ଥାଏ ।ଯେପରି ସୁନା କୁ ଆମେ ଯେତେ ନିଆଁରେ ପକାଇବା ସେ ସେତେ ଅଧିକ ଚିକ୍ ମିକ କରିବ,ଠିକ୍ ସେହିପରି ଜଣେ ବ୍ୟକ୍ତି ମଧ୍ୟ ଯେତେ ପରିମାର୍ଜିତ ଅର୍ଥାତ୍ ସଂସ୍କାରି ହେବ ସେ ସେତେ ଅଧିକ ସମାଜରେ ସଫଳ ଏବଂ ସମ୍ମାନିତ ହେବ ।ଗୋଟିଏ ଶିଶୁର ମନ ଉପରେ ବଡ଼ ମାନଙ୍କ ଦ୍ୱାରା ହେଉଥିବା ସମସ୍ତ କଥା ,ବାର୍ତ୍ତା ଏବଂ କାର୍ଯ୍ୟର ବହୁତ୍ ବଡ଼ ପ୍ରଭାବ ପଡ଼ିଥାଏ ।ଗୋଟିଏ ଛୋଟ ପିଲା ଅର୍ଥାତ୍ ଶିଶୁ ଯାହା ଦେଖିବ ,ଶୁଣିବ ଅନ୍ୟମାନଙ୍କ ଠାରୁ ସେ ସବୁ ହିଁ ତାହାର ସଂସ୍କାର ପାଲଟି ଯାଇଥାଏ ।ଜୀବନର ପ୍ରାରମ୍ଭିକ ଦିନ ମାନଙ୍କରେ ଯେଉଁ ସଂସ୍କାର ଗୁଡ଼ିକ ଭରା ଯାଇଥାଏ ତାହା ହିଁ ପରବର୍ତ୍ତୀ ସମୟରେ ତାର ପ୍ରକୃତ ଜୀବନ ପାଲଟି ଯାଇଥାଏ । ଆମେ ଯଦି ପ୍ରାଚୀନ କାଳ ଅଥବା ଇତିହାସ କୁ ଦେଖିବା ତାହେଲେ ବହୁତ୍ ଗୁଡ଼ିଏ ଉଦାହରଣ ଆମକୁ ମିଳିବ ଯେଉଁ ମାନେ କି ନିଜ ଜୀବନର ଆରମ୍ଭରେ ହିଁ ନିଜ ପିତା,ମାତା ଅଥବା ନିଜ ଗୁରୁଜନ ମାନଙ୍କର ବ୍ୟବହାର ଓ ଆଚରଣରେ ହିଁ ପ୍ରଭାବିତ ହୋଇ ନିଜକୁ ଏକ ସଂସ୍କାରବାନ୍ କରାଇ ବହୁତ୍ ପ୍ରତିଷ୍ଠିତ ହୋଇପାରିଛନ୍ତି ଏବଂ ନାଁ କମାଇ ପାରିଛନ୍ତି ।

ବ୍ୟକ୍ତିର ଚରିତ୍ର ଏହି ସଂସ୍କାରରୁ ହିଁ ପରିମାର୍ଜିତ ହୋଇପାରିଥାଏ । ଯେଉଁ ବ୍ୟକ୍ତିର ସଂସ୍କାର ଯେତେ ଅଧିକ ଭଲ ହୋଇଥାଏ ,ସେ ବ୍ୟକ୍ତି ର ଚରିତ୍ର ମଧ୍ୟ ସେତେ ଅଧିକ ଭଲ ହୋଇଥାଏ । ଏବଂ ଯେଉଁ ବ୍ୟକ୍ତିର ସଂସ୍କାର ଯେତେ ଅଧିକ ଖରାପ ହୋଇଥାଏ,ସେ ବ୍ୟକ୍ତିର ସଂସ୍କାର ମଧ୍ୟ ସେତେ ଅଧିକ ହିନ ହୋଇଥାଏ ।ଶିକ୍ଷ୍ୟା ଠାରୁ ମଧ୍ୟ ସଂସ୍କାର ଅଧିକ ମହତ୍ତ୍ୱ ରହିଅଛି ।କାରଣ ଜଣେ ବ୍ୟକ୍ତି କେବଳ ଯେ ପାଠ ପଢ଼ି ଶିକ୍ଷିତ ହୋଇଗଲେ ଯେ ସେ ସସ୍କାରି ହୋଇଥାଏ ତାହା ନୁହେଁ,ଜଣେ ଅପାଠୁଆ ବ୍ୟକ୍ତି ମଧ୍ୟ ଉତ୍ତମ ସଂସ୍କାରର ହୋଇପାରିବ ।ଏବଂ ଜଣେ ବ୍ୟକ୍ତିର ସଂସ୍କାରରୁ ହିଁ ସେ ବ୍ୟକ୍ତିର ପରିବାର ଏବଂ ପରିବେଶ ଜଣା ପଡି ଯାଇଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ନିହାତି ଭାବେ ଶଂସ୍କାରି ହେବା ଉଚିତ୍ ।କାରଣ ଉତ୍ତମ ସଂସ୍କାର ହିଁ ସର୍ବ ଶ୍ରେଷ୍ଠ , ଶୁଦ୍ଧ ଓ ପବିତ୍ର ଅଟେ ।ଏହି ସଂସ୍କାର ବିନା ମନୁଷ୍ୟ ଏବଂ ସମାଜ ଅନ୍ଧକାର ଅଟେ ।ସଂସ୍କାର ହିଁ ଜୀବନର ଅସ୍ତିତ୍ୱ ଅଟେ ।ଯାହା ମନୁଷ୍ୟ କୁ ଉଚିତ୍ ରାସ୍ତାରେ ଅଗ୍ରସର କରାଇଥାଏ । ଅର୍ଥାତ୍ ଶ୍ରେଷ୍ଠ ସଂସ୍କାରକୁ ଆପଣେଉଥିବା ମନୁଷ୍ୟ ଭିତରେ ଦୈବିୟ ଗୁଣର ଜନ୍ମ ହୋଇଥାଏ । ସେଥିଲାଗି ପ୍ରତ୍ୟେକ ବ୍ୟକ୍ତି ଆଜିକା ସମୟରେ ନିଶ୍ଚିତ ଭାବେ ସଂସ୍କାରବାନ ହେବା ଉଚିତ୍ । ଯାହାକି ଆଜିକା ସମୟରେ ଆମ ସଭିଙ୍କ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ ।କାରଣ ଗୋଟିଏ ଉତ୍ତମ ସମାଜ ପାଇଁ ଉତ୍ତମ ସଂସ୍କାରର ମଧ୍ୟ ବହୁତ୍ ଆବଶ୍ୟକତା ରହିଅଛି ।ଯଦି ଆମେ ଆମ ଭିତରେ ନିଜ ଉତ୍ତମ ଭାବେ ଶୁଦ୍ଧି କରଣ କରି ନ ପାରିବା ତାହେଲେ ଏ ସମାଜରେ ଶୁଦ୍ଧ ପରିବେଶ ଟିଏ ଆସି ପାରିବ ନାହିଁ । ଏବଂ ଧୀରେ ଧୀରେ ଏ ସମାଜ ହୀନତା ଆଡ଼କୁ ଅଗ୍ରସର ହେବାକୁ ଲାଗିବ ।ଏବଂ ଯେତେବେଳେ ଆମ ସମାଜ ହୀନତା ଆଡ଼କୁ ଅଗ୍ରସର ହେବାକୁ ଲାଗିବ ,ସେତେବେଳେ ଆମେ ନିଜକୁ ଏବଂ ନିଜ ପରିବାରକୁ କେବେ ଏ ସମାଜରେ ସୁରକ୍ଷିତ ମନେ କରି ପାରିବା ନାହିଁ ।ତେଣୁ ଆମ ସଂସ୍କାରର ସର୍ବଦା ଶୁଦ୍ଧି କରଣ ହେବା ଉଚିତ୍ । ଆଜିକା ସମୟରେ ଆମ ସଂସ୍କାରରେ ସୁଦ୍ଧିକରଣ ଆସିବା ଅତ୍ୟନ୍ତ ଆବଶ୍ୟକତା ହୋଇଗଲାଣି ।କାରଣ ଧୀରେ ଧୀରେ ଆମ ସମାଜ କଳୁଷିତ ହେବାକୁ ବସିଲାଣି । ଆଉ ନାହିଁ ସେହି ଭାଇଚାରା ମଧ୍ୟରେ ସୁରକ୍ଷାତା,ସମ୍ପର୍କର ମୂଲ୍ୟବୋଧତା । ବର୍ତ୍ତମାନର ଏହି ଡିଜିଟାଲ ଯୁଗରେ ବ୍ୟକ୍ତିର ସମସ୍ତ ସଂସ୍କାର ଏବଂ ସମ୍ପର୍କ କ୍ଷଣକର ଯୌନ ଲାଳସାରେ ନଷ୍ଟ ହେବାକୁ ବସିଲାଣି,ସମ୍ପର୍କ ସବୁ ପିଶାଚ୍ ପାଲଟିବାକୁ ଲାଗିଲାଣି,କିଛି ଅସାମାଜିକ ପୁରୁଷ ମାନେ ମା ଭଉଣୀର ମର୍ଯ୍ୟାଦା ଭୁଲିବାକୁ ଲାଗିଲାଣି,ଠିକ୍ ସେହିପରି କିଛି ନାରୀ ମାନେ ମଧ୍ୟ ନିଜ ସଂସ୍କାର ଭୁଲି ନିଜ ନାରିତ୍ୱର ଏରୁଡ଼ି ବନ୍ଧ ଡେଇଁ ବଦଳିବାକୁ ଲାଗିଲେଣି,ନିଜକୁ କଳୁଷିତ କରିବାକୁ ବସିଲେଣି ଏବଂ ଏସବୁ ମଧ୍ୟରେ ହଜିଗଲାଣି ଆମ ସଂସ୍କାର । ଆମେ ଯଦି ପୂର୍ବ ସମୟକୁ ଦେଖିବା,ସେ ସମୟରେ ନାରୀମାନେ ନିଜ ସମ୍ପର୍କୀୟ ମାନଙ୍କ ମଧ୍ୟରେ ନିଜକୁ ସୁରକ୍ଷିତ ମନେ କରୁଥିଲେ,କିନ୍ତୁ ବର୍ତ୍ତମାନର ସମୟରେ ଆଉ ସେ ସୁରକ୍ଷାର ଭାବନା ନାହିଁ ନିଜ ସମ୍ପର୍କୀୟ ମାନଙ୍କ ଗହଣରେ ।କାରଣ ଏଠି ବ୍ୟକ୍ତି ନିଜ ସଂସ୍କାର ଭୁଲି କ୍ଷଣକର ମୋହରେ ପାଗଳ ହେବାକୁ ଲାଗିଲାଣି, କୁସଂସ୍କାରି ହେବାକୁ ବସିଲାଣି । ଆମ ସଂସ୍କରରୁ ହିଁ ଚରିତ୍ର ମାର୍ଜିତ ହୋଇଥାଏ,ଯେବେ ବ୍ୟକ୍ତି ନିଜ ସଂସ୍କାର ଭୁଲିବାକୁ ଲାଗିବ,ସେବେ ତାର ଚରିତ୍ର ମଧ୍ୟ ନଷ୍ଟ ହେବାକୁ ଲାଗିବ ଏବଂ ସେ କୁକର୍ମରେ ଏକ ନଷ୍ଟ ଚରିତ୍ର ବୋଲାଇବ ।ଯଦି ଆମ ସଂସ୍କାର ଉତ୍ତମ ଥିବ,ତେବେ ଆମ ଚରିତ୍ରରେ ମଧ୍ୟ କେହି ହାତ ଲଗାଇ ପାରିବ ନାହିଁ ,ଆମ ପାଦ କୁପଥ ଆଡ଼କୁ ଅଗ୍ରସର ହେବା ପୂର୍ବରୁ ଆମ ବିବେକ ଆମକୁ ଅଟକାଇବ ।ମଣିଷ ଏକ ସାମାଜିକ ପ୍ରାଣୀ,ପରିବାର ବ୍ୟତୀତ ସମାଜର ମଧ୍ୟ ବହୁତ ପ୍ରଭାବ ପଡ଼ିଥାଏ ବ୍ୟକ୍ତି ବିଶେଷଙ୍କ ଉପରେ । ବେଳେ ବେଳେ ଆମ ସଂସ୍କାର ସମାଜର କିଛି କଳୁଷିତ ବ୍ୟକ୍ତିଙ୍କ ଦ୍ୱାରା ମଧ୍ୟ ଦୂଷିତ ହେବାକୁ ଲାଗିଥାଏ ।କାରଣ ଆମ ପରିବାର ବ୍ୟତୀତ ଆମେ ସମାଜର ବିଭିନ୍ନ ବ୍ୟକ୍ତି ବିଶେଷ ଙ୍କ ସହିତ ମିଳାମିଶା କରିଥାଉ । ସେଥି ମଧ୍ୟରୁ କିଛି ମନୁଷ୍ୟ କିଛି କୁବ୍ୟକ୍ତି ମାନଙ୍କ ସଂସ୍ପର୍ଶରେ ଆସି ନିଜ ସଂସ୍କାର ଭୁଲିଯାଇଥାଏ ଏବଂ ଭୁଲ୍ କାମରେ ଲିପ୍ତ ରହି ନିଜକୁ କୁପଥଗାମୀ କରାଇଥାଏ,ବିଭିନ୍ନ ଭୁଲ୍ କାମରେ ଲିପ୍ତ ରହିଥାଏ ।କିନ୍ତୁ ଆମ ସଂସ୍କାର ଯଦି ମଜବୁତ୍ ଥିବ ,ତେବେ ଆମେ ଭୁଲ୍ ରାସ୍ତାରେ ପାଦ ରଖିଲେ ମଧ୍ୟ ଆମ ବିବେକ ସେ କୁପଥରୁ ଆମକୁ ଫେରାଇ ଆଣିବାର ଦମ୍ଭ ରଖିଥିବ ।ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଏକ ସଂସ୍କାରର ସୀମା ରେଖା ମଧ୍ୟରେ ନିଜକୁ ଆବଦ୍ଧ କରି ରଖିବା ଉଚିତ୍, ନିଜ ସଂସ୍କାରକ ମାର୍ଜିତ,ଶୁଦ୍ଧ ଏବଂ ପବିତ୍ର କରି ରଖିବା ଉଚିତ୍, ନଚେତ୍ ତାର ପତନ ସୁନିଶ୍ଚିତ ।ବିନା ସଂସ୍କାରର ବ୍ୟକ୍ତି ଦୁଷ୍ଟ ଦୈତ୍ୟ ଓ ନର୍କ ସଦୃଶ ଅଟେ । କୌଣସି ବି ପିତା ମାତା ପରିବାର ଚାହିଁବେ ନାହିଁ କି ସେମାନଙ୍କ ସନ୍ତାନ ମାନେ କୁସଂସ୍କାର ଭିତରେ ଲୀନ ହୋଇ ରୁହନ୍ତୁ । ସେମାନେ ନିଜ ପିଲା ମାନଙ୍କୁ ଉଚିତ୍ ସଂସ୍କାର ଭିତରେ ଗଢ଼ିବାକୁ ଖୁବ୍ ଚେଷ୍ଟା କରିଥାନ୍ତି ।କିନ୍ତୁ ପିଲାଟି ବଡ଼ ହେବା ପରେ ଧିରେ ଧିରେ ସେ ସମାଜରେ ଅନ୍ୟ ବ୍ୟକ୍ତି ମାନଙ୍କ ସଂସ୍ପର୍ଶରେ ଆସିବାକୁ ଲାଗିଥାଏ ।ଯଦି ସେ ବ୍ୟକ୍ତି ମାନେ ମଧ୍ୟ ସଂସ୍କାରି ହୋଇଥାନ୍ତି,ତେବେ ସେ ପିଲାଟିର ନିଶ୍ଚିତ ଭାବେ ଭାଗ୍ୟ ଉଦୟ ହୋଇଥାଏ, କିନ୍ତୁ ଯଦି ପିଲାଟି କିଛି ହୀନ କୁସଂସ୍କାରି ବ୍ୟକ୍ତି ମାନଙ୍କ ଗହଣରେ ପ୍ରବେଶ କରେ,ତେବେ ତାର ପତନ ଥୟ ।ଆମ ମାନଙ୍କ ଉପରେ ଆମ ଚତୁର୍ପାର୍ଶ୍ୱରେ ଥିବା ବ୍ୟକ୍ତି ମାନଙ୍କର ମଧ୍ୟ ଖୁବ୍ ପ୍ରଭାବ ପଡ଼ିବାକୁ ଲାଗିଥାଏ ।ଆମେ ଯେଉଳି ବ୍ୟକ୍ତି ମାନଙ୍କ ଗହଣରେ ରହିଥାଉ,ଆମ ମାନଙ୍କ ଭିତରେ ମଧ୍ୟ କିଛି ମାତ୍ରାରେ ସେଭଳି ପରିବର୍ତ୍ତନ ଚାଲି ଆସିଥାଏ, ଆମେ ମାନେ ଆମ ସାମ୍ନା ଲୋକ ମାନଙ୍କର କିଛି ଉର୍ଜା କୁ ଗ୍ରହଣ କରିବାକୁ ଲାଗିଥାଉ,ଏବଂ ଧୀରେ ଧୀରେ ଆମେ ସେମାନଙ୍କ କୁସଂସ୍କାର ମଧ୍ୟରେ ନିଜକୁ କୋଉଠି ନା କୋଉଠି ହଜାଇ ଦେଇଥାଉ,କିନ୍ତୁ ଯଦି ଗୋଟିଏ ପରିବାରର ସଂସ୍କାର ଉଚ୍ଚ କୋଟୀର ଥିବ, ତେବେ ଜଣେ ବ୍ୟକ୍ତି କୁସଂଗତରେ ପଡ଼ିଲେ ମଧ୍ୟ ସେ ସେଠାରୁ ଖୁବ୍ ଶୀଘ୍ର ଏବଂ ଅତି ସହଜରେ ବାହାରି ଆସିବ ମଧ୍ୟ । ମଣିଷ ଯେତେ ବି ଉଚ୍ଚ ଶିକ୍ଷିତ,ଧନୀ ହେଉ ନା କାହିଁକି,ଯଦି ତାର ଚରିତ୍ର,ସଂସ୍କାର ମାର୍ଜିତ ନାହିଁ ତେବେ ସେ ହୀନ ମନୁଷ୍ୟ ସଦୃଶ,ଘୃଣାର ପାତ୍ର,ତାର ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ଭାବେ ନଷ୍ଟ ଅଟେ ।ତେଣୁ ମଣିଷ ସର୍ବଦା ନିଜକୁ ଏକ ସଂସ୍କାର ଭିତ୍ତିକ ଭୂମି ଭିତରେ ନିଜକୁ ରଖିବା ଉଚିତ୍,ନିଜକୁ ଚରିତ୍ରବାନ୍ କରି ରଖିବା ଉଚିତ୍ ।କାରଣ ନଷ୍ଟ ଚରିତ୍ର ବ୍ୟକ୍ତି କେବେ କାହାର ଭାବନାର ମୂଲ୍ୟ ବୁଝି ପାରି ନ ଥାଏ,ସର୍ବଦା ଛଳନା ଏବଂ କପଟ କରିଥାଏ,ନିଜ ସହ ନିଜ ଚତୁର୍ପାର୍ଶ୍ୱରେ ଥିବା ବ୍ୟକ୍ତିର ଚରିତ୍ରର ମଧ୍ୟ ସଂହାର କରିଥାଏ ।

(ଶିବାଙ୍ଗୀ ଧାରା ) ବନ୍ଦନା ସାହୁ, ଯାଜପୁର
୭୨୦୫୫୫୦୭୧୩

# ଅନ୍ୟ ପାଇଁ ବଞ୍ଚିବାର ସଂକଳ୍ପ ନେବା



ଆଶୁତୋଷ ନାୟକ

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଠ,ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମ୍ ୭/ ୬/୨ ରେ ଏହା ବର୍ଣ୍ଣିତ ଅଛି,

'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ ।
ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍ ।'

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟଙ୍କୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ । ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ ।ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ ।କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ ।ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା । ଜିତେନ୍ଦ୍ର ଆୱ୍ୱାଧ ଏନସିପି ଦଳର ନେତା ଏବେ ନିକଟରେ ଅତ୍ୟନ୍ତ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ସେ ହିନ୍ଦୁଙ୍କ ଆରାଧ୍ୟ ଦେବତା ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କୁ ଆମିଷ ଭକ୍ଷଣକାରୀ ବୋଲି ଦର୍ଶାଇଥିଲେ ଯାହାକି ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ କରିଛି । ସେହିପରି କଂଗ୍ରେସ ନେତା ଅଞ୍ଜନେୟ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ ପ୍ରଭୁ ଶ୍ରୀରାମ ସହ ତୁଳନା କରିଛନ୍ତି ଏହା ଅତ୍ୟନ୍ତ ହୀନ ଏବଂ ଶସ୍ତା ରାଜନୀତି । ସମାଜବାଦୀ ଦଳର ନେତା ସ୍ୱାମୀ ପ୍ରସାଦ ମୌରିୟା ହିନ୍ଦୁ ଧର୍ମ ବିରୁଦ୍ଧରେ ଅତ୍ୟନ୍ତ ଆପତ୍ତିଜନକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଏହିପରି ଅନେକ କ୍ଷମତାପିପାଷୁ ରାଜନେତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ବିଭିନ୍ନ ଧର୍ମ ବିରୋଧୀ ମନ୍ତବ୍ୟ ଦେବାରେ ପଛଘୁଞ୍ଚା ଦେଉନାହାନ୍ତି । କିଛି ଦିନ ପୂର୍ବରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ ଏବଂ ଡିଏମକେର ଅନ୍ୟତମ ବରିଷ୍ଠ ନେତା ଏ ରାଜା ହିନ୍ଦୁ ସନାତନ ଧର୍ମ ବିରୁଦ୍ଧରେ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଅଶୋଭନୀୟ ଏବଂ ଦୁର୍ଭାଗ୍ୟଜନକ ।

କିଛିଦିନ ପୂର୍ବରୁ ଉଦୟନିଧି ଷ୍ଟାଲିନ କଳାକାର ଓ ଲେଖକଙ୍କ ପକ୍ଷରୁ ଆୟୋଜିତ ସଭାରେ ହିନ୍ଦୁ ସନାତନ ଧର୍ମ ବିରୋଧ ରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ । ସେ ସନାତନ ଧର୍ମକୁ ଡେଙ୍ଗୁ ମେଲେରିଆ ସହିତ ତୁଳନା କରିଥିଲେ । ଏବଂ ଏହାକୁ ସମ୍ପୂର୍ଣ୍ଣ ମୂଳଉତ୍ପାଟନ କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏତାଦୃଶ ଘୃଣା ଏବଂ ହିଂସା ଉଦ୍‌ରେକକାରୀ ମନ୍ତବ୍ୟ ପାଇଁ ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦେଶର ୨୬୦ ଜଣ ପ୍ରମୁଖ ବ୍ୟକ୍ତିବିଶେଷ ସର୍ବୋଚ୍ଚ ନ୍ୟାୟଳୟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ କଂ ନିକଟକୁ ଚିଠି ଲେଖିଛନ୍ତି । ଚିଠି ଲେଖିଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି ଦିଲ୍ଲୀ ଉଚ୍ଚ ନ୍ୟାୟଳୟର ପୂର୍ବତନ ବିଚାରପତି ଏସ ଏନ ଧୀଙ୍ଗ୍ରା ଚିଠିରେ ଉଲ୍ଲେଖ କରାଯାଇଛି ଯେ ଉଦୟନିଧି ଦେଇଥିବା ମନ୍ତବ୍ୟ ହିଂସା ଓ ଘୃଣା ସୃଷ୍ଟିକାରୀ । ସେଥିପାଇଁ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଏହାଛଡା ତାମିଲନାଡୁ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ, ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିବାକୁ ଦାବି କରାଯାଇଛି । ସେ ଚିଠିରେ ଆହୁରି ମଧ୍ୟ ଏହା ଉପସ୍ଥାପନ କରାଯାଇଛି କି ଭାରତ ଭଳି ଧର୍ମନିରପେକ୍ଷ ରାଷ୍ଟ୍ରରେ ଘୃଣା ଉଦ୍‌ରେକକାରୀ ମନ୍ତବ୍ୟ ସମ୍ବିଧାନର ଧର୍ମନିରପେକ୍ଷ ଧାରା ଉପରେ ହସ୍ତକ୍ଷେପ ସଦୃଶ ବୋଲି ଚିଠିରେ ଉପସ୍ଥାପନା କରାଯାଇଛି । ଉଦୟ ନିଧିଙ୍କ ମନ୍ତବ୍ୟ ସହିତ ସମସ୍ୱରମିଳାଇ ଡି ଏମ୍ କେ ର ଅନ୍ୟତମ ବରିଷ୍ଠ ନେତା ଏ ରାଜା ସର୍ବପୁରାତନ ସନାତନ ଧର୍ମକୁ ସମାଜରେ ଘୃଣିତ ଏଚ୍ ଆଇ ଭି (ଏଡସ୍) ଓ କୁଷ୍ଠ ରୋଗ ସହିତ ତୁଳନା କରିଛନ୍ତି । ଚେନ୍‌ନେଇ ର ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଏ ରାଜା ସନାତନ ଧର୍ମକୁ ଏଚ୍ ଆଇ ଭି ଓ କୁଷ୍ଠ ରୋଗଭଳି ଘୃଣା କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା । କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ । ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧ ର ଅଭାବ ଥିବା ଏକବିଂଶ ଶତାବ୍ଦୀର ରାଜନେତା ଏହାକୁ ଭୁଲିଯାଇଛନ୍ତି ସର୍ବପୁରାତନ ସନାତନ ଧର୍ମର ଅପମାନ ଅର୍ଥ ଅନନ୍ତ କୋଟି ବ୍ରହ୍ମାଣ୍ଡନାୟକ ବଡଠାକୁର ଜଗତରନାଥ ଜଗନ୍ନାଥଙ୍କ ମର୍ଯ୍ୟାଦାହାନି । ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ନିଜକୁ ସର୍ବଶେଷ୍ଠ ସର୍ବଶକ୍ତିମାନ ମନେକରୁଥିବା ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତିର ଅଧିକାରୀ ହୋଇମଧ୍ୟ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି । ସବୁକିଛି ସୁଖ ସ୍ୱାଛନ୍ଦ୍ୟ, ଦାମୀ ଗାଡି, ସୁରମ୍ୟ ଅଟ୍ଟାଳିକା,ସୁନା,ରୁପା, ହୀରା ଅଳଙ୍କାର ଥିଲେ ମଧ୍ୟ ମାନସିକ ଅବସାଦ ଏବଂ ଅତ୍ୟଧିକ ଚାପଗ୍ରସ୍ତ ହୋଇ ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚପ୍ରଦସ୍ତ ଅଧିକାରୀ,ପୋଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛିନେଉଛନ୍ତି । ଏହାର ଅନେକ ଦୃଷ୍ଟାନ୍ତ ରହିଛି ।

ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ୍ୟ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି । ମଦ୍ୟପାନ ଠାରୁ ଆରମ୍ଭ କରି ପାନ,ଗୁଟକା , ସିଗାରେଟ, ହିରୋଇନ,ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର ହସ ଖୁସି ପରିବାରକୁ ନଷ୍ଟ କରିଦେଉଛି । ସେଥିପାଇଁ ପରମଶାସ୍ତ୍ର ଭାଗବତ ରେ କୁହାଯାଇଛି,

'ଆପଣା ହସ୍ତେ ଜିହ୍ୱା ଛେଦି
କେ ଅଛି ତାର ପ୍ରତିବାଦୀ '

ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି । ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମରାତ୍ମକ ବ୍ୟାଧି ଯେପରି କ୍ୟାନସର,ଶ୍ୱାସ ରୋଗ, ହୃଦରୋଗ, କିଡ଼ନୀ ଜନିତ ଗମ୍ଭୀର ରୋଗ ଏହିପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି । ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡ଼ିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧ୍ୟମରେ ନିଶାଦ୍ରବ୍ୟ ସେବନ ନକରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି । ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି ।ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେକରନ୍ତି ।ସ୍ନେହ, ପ୍ରେମ,ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶତା, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ । ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ । ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି ।ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି ।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ । ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର । ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ,ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି । ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଙ୍କିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି ।

୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ୍ୟ ନିଜ ଜୀବନ ବଞ୍ଚାଇପାରିନଥିଲେ । ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ । ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି

'ଦଇବ ଦଉଡି ମଣିଷ ଗାଈ
ଯେଣିକି ଟାଣଇ ସେଣିକି ଯାଇ'

ଆସନ୍ତୁ ଏଇ ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡି ପାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡିମା ପରିତ୍ୟାଗ କରିବା

*ଗୋପାଳପୁର, ବାଲେଶ୍ୱର*
*ମୋବାଇଲ-୭୦୨୦୬୧୧୩୦୦*

# ଆର୍ଥିକ ସ୍ୱଚ୍ଛଳରେ ଲଘୁ ଉଦ୍ୟୋଗ



ସୌମ୍ୟସାଇ ସିଦ୍ଧାର୍ଥ

ଲଘୁ ଉଦ୍ୟୋଗଗୁଡ଼ିକୁ ସମର୍ଥନ ଓ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଅଗଷ୍ଟ ୩୦ରେ ପାଳନ କରାଯାଏ ଲଘୁ ଉଦ୍ୟୋଗ ଦିବସ । ଲଘୁ, ମଧ୍ୟମ ଓ ବୃହତ୍ ସ୍ତରୀୟ ଉଦ୍ୟମର ସନ୍ତୁଳିତ ବୃଦ୍ଧି ଦିଗରେ ଏହି ଦିବସ ଗୁରୁତ୍ୱ ପ୍ରଦାନ କରେ । ଏଥିସହ ରାଜ୍ୟର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ନୂଆ ଉଦ୍ୟୋଗ ସ୍ଥାପନା ଦିଗରେ ମଧ୍ୟ ସାହାଯ୍ୟ କରେ । ରାଜ୍ୟର ପ୍ରତି ଜିଲ୍ଲାରେ ଉଦ୍ୟୋଗ ସ୍ଥାପନ ଓ ଗାଁ ଗାଁର ଆର୍ଥିକ ବିକାଶ ନିମନ୍ତେ ଏହି ଦିବସ ଆହ୍ୱାନ ଦିଏ । ଆର୍ଥିକ ସ୍ୱଚ୍ଛଳ ହେବାକୁ ଲଘୁ ଉଦ୍ୟୋଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କ୍ଷୁଦ୍ର ତଥା ନୂଆ ଉଦ୍ୟମଗୁଡ଼ିକର ପ୍ରୋତ୍ସାହନକୁ ଦୃଷ୍ଟିରେ ରଖି ସରକାରୀ ଏଜେନ୍ସି ସ୍ଥାପନା ପାଇଁ ଭାରତ ସରକାର ନିଷ୍ପତ୍ତି ନେଇଥିଲେ, ଯାହା କ୍ଷୁଦ୍ରମାନର ଉଦ୍ୟୋଗକୁ ସାହାଯ୍ୟ କରିବ ।ଓଡ଼ିଶାରେ ନୂଆ ଡବଲ ଇଞ୍ଜିନ ସରକାର ରାଜ୍ୟ ପାଇଁ ନାନା ବିକାଶର ଢ଼େର ସମ୍ଭାବନା ସୃଷ୍ଟି କରିଛି । ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଆହୁରି ଆଗେଇବାକୁ ଏକ ରକମର ମଞ୍ଚ ପ୍ରସ୍ତୁତ ହୋଇସାରିଛି । ବାହାରର ନାମିଦାମୀ ଓ ବିଶ୍ୱ ପ୍ରସିଦ୍ଧ ଶିଳ୍ପ ଟାଇକୁଣ୍ଡମାନେ ରାଜ୍ୟରେ ବଡ଼ ବଡ଼ ଉଦ୍ୟୋଗ ତିଆରି ପାଇଁ ଆଗ୍ରହୀ । ରାଜ୍ୟର ଆଗାମୀ ପୂର୍ଣ୍ଣାଙ୍ଗ ବଜେଟରେ ଦଳ ନିର୍ବାଚନୀ ଇସ୍ତାହାରର ଘୋଷଣାନାମାକୁ ବାସ୍ତବ ରୂପାୟନ କରିପାରିଛି । ଚାଷବାସ କ୍ଷେତ୍ର ଠାରୁ ମହିଳା ସଶକ୍ତିକରଣ, ସଡ଼କ ଭିତ୍ତିଭୂମି ଠାରୁ ଉପକୂଳ ଅର୍ଥନୀତି, ଗମନା ଗମନ କ୍ଷେତ୍ରର ଦୃଢ଼ ଉନ୍ନତ ପ୍ରସସ୍ତି କରଣ ସହ ଓଡ଼ିଶାରେ ବିଶେଷକରି ଖୁଚୁରା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏହିପରି ଅନେକ ବଡ଼ ଆହ୍ୱାନକୁ ସାମ୍ନା କରିବାରେ ସଫଳତାର ପାହାଚରେ ଆଗେଇ ଚାଲିଛନ୍ତି ଓଡ଼ିଶାର ନୂଆ ସରକାର । ସମୃଦ୍ଧ ଓଡ଼ିଶା, ଦ୍ରୁତ ଅଭିବୃଦ୍ଧିସମ୍ପନ୍ନ ପ୍ରଗତିର ଓଡ଼ିଶାରେ ବିଶେଷକରି ରାଜ୍ୟରେ ଖଣିଜ ସମ୍ପଦର ଭରପୁର ଉପଯୋଗକରି ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଯେଉଁ ସ୍ୱତନ୍ତ୍ରତା ରହିଛି ତାହା ହିଁ ଓଡ଼ିଶା ପ୍ରତି ଶିଳ୍ପପତିଙ୍କ ଆକର୍ଷଣର କାରଣ । ଏମିତିରେ ଇସ୍ପାତ କାରଖାନା କ୍ଷେତ୍ରରେ ରାଜ୍ୟରେ ସୁପ୍ରସିଦ୍ଧ ଖ୍ୟାତନାମା ଟାଟା ଷ୍ଟିଲ ଠାରୁ ଜିନ୍ଦଲ ଷ୍ଟେନଲେସ ଲିମିଟେଡ, ସେଲ ଠାରୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ନିଜର ଭିତ୍ତିଭୂମି ଦୃଢ଼ କରିପାରିଛନ୍ତି । ଅନେକ ହୁଏତ ଜାଣିନଥିବେ ଭାରତର ଅଧା ଖଣିଜ ପଦାର୍ଥ କେବଳ ଓଡ଼ିଶାରୁ ହିଁ ଉତ୍ପାଦିତ ହୋଇଥାଏ । ୨୦୧୯-୨୦ର ଆର୍ଥିକ ବର୍ଷକୁ ଦେଖିଲେ ଏହି ଉତ୍ପାଦନ ଥିଲା ୪୩% । ୨୦୨୨ର ସର୍ବଶେଷ ତଥ୍ୟ ଅନୁଯାୟୀ ବିଗତ ଛଅଟି ଆର୍ଥିକ ବର୍ଷରେ ଇଣ୍ଡିଆ ରେଟିଙ୍ଗସର ପରିସଂଖ୍ୟନ ତଥ୍ୟ ଅନୁଯାୟୀ ଏହା ଦ୍ୱିଗୁଣିତ ହୋଇଛି । ଓଡ଼ିଶା ସହିତ ମଧ୍ୟପ୍ରଦେଶ ଏହି ସମାନ ତାଲିକାରେ ସଫଳତା ପାଇଛନ୍ତି । ୨୦୧୨-୧୩ରେ ରାଜ୍ୟର ମୁଣ୍ଡପିଛା ଆୟ ୪୯୨୨୭ ଟଙ୍କା ଥିଲା । ୨୦୨୨-୨୩ ସୁଦ୍ଧା ତାହା ତିନିଗୁଣା ବୃଦ୍ଧି ପାଇ ୧.୫୧ ଲକ୍ଷ ଟଙ୍କା ହୋଇଛି । ବାର୍ଷିକ ୧୧.୮୪ ପ୍ରତିଶତ ହାରରେ ମୁଣ୍ଡପିଛା ଆୟରେ ବୃଦ୍ଧି ହୋଇଛି ବୋଲି ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନମି ତଥ୍ୟରୁ ଜଣାପଡ଼ିଛି । ନୀତି ଆୟୋଗର ଏକ ରିପୋର୍ଟ ଅନୁସାରେ ୨୦୨୧ ମାର୍ଚ୍ଚ ସୁଦ୍ଧା ଶେଷ ହୋଇଥିବା ପାଞ୍ଚ ବର୍ଷ ଭିତରେ ରାଜ୍ୟରେ ୬୨ ଲକ୍ଷରୁ ଅଧିକ ଲୋକ ବହୁମୁଖୀ ଦାରିଦ୍ର୍ୟ କବଳରୁ ମୁକ୍ତ ହୋଇଛନ୍ତି । ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ହୋଇ ରହିଛି । ଏଭଳି ସ୍ଥିତିରେ ଥିବା ଏହି ରାଜ୍ୟକୁ ଆହୁରି ଉପରକୁ ନେଇ ପୂର୍ବ ଭାରତର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାର ସୁଯୋଗ ନୂଆ ସରକାରଙ୍କ ପାଖରେ ରହିଛି । ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ଚାହୁଁଥିବା ବିଜେପି ସରକାର ଓଡ଼ିଶାକୁ ଏକ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଉଦ୍ୟମ କରିପାରିବେ । ରାଜ୍ୟରେ ଥିବା ସୁବିସ୍ତୃତ ବେଳାଭୂମିରୁ ଲାଭ ଓଡ଼ିଶା ପାଇବ ଏବଂ ଓଡ଼ିଶାରେ ସାଗରମାଳା ପ୍ରକଳ୍ପ ଆହୁରି ବେଗବାନ ହେବ । ପୂର୍ବରୁ ମତ୍ସ୍ୟ ଚାଷୀଙ୍କୁ କିଶାନ କ୍ରେଡିଟ କାର୍ଡ଼ ଓ ବୋଟର ଆଧୁନୀକରଣ ପାଇଁ କିଶାନ କ୍ରେଡ଼ିଟ କାର୍ଡ଼ର ବ୍ୟବସ୍ଥା କେନ୍ଦ୍ର ମତ୍ସ୍ୟଚାଷ ମନ୍ତ୍ରଣାଳୟ ଜରିଆରେ ବଣ୍ଟନ କରାଯାଉଛି । ଏଥିରେ ରାଜ୍ୟର ମତ୍ସ୍ୟଚାଷୀ ଉପକୃତ ହେବାସହ କୋଷ୍ଟାଲ ସର୍କିଟ ସ୍କିମ ଅଧୀନରେ ରାଜ୍ୟ ଲାଭବାନ ହେବ । ସେ ସମୟରେ ମୋଦିଜୀ ଓଡ଼ିଶାର ଲୋକମାନେ ପ୍ରାକୃତିକ ସମ୍ପଦରେ ଭରପୁର ଥାଇ ମଧ୍ୟ ଏବେ ବି ଗରିବ ହୋଇ ରହିଥିବାରୁ ବିଜେପି ସରକାର ଏମାନଙ୍କ ସ୍ଥିତି ବଦଳାଇବା ପାଇଁ କାର୍ଯ୍ୟ କରିବାର ପ୍ରତିଶ୍ରୁତି ପାଳନର ସମୟ ପହଞ୍ଚିଛି । ଆମ ଓଡ଼ିଶା ନବୀନ ଓଡ଼ିଶା ଲାଗି ୪୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା । ସେଥିରେ ରାଜ୍ୟର ଅଭିବୃଦ୍ଧି ୭.୨୫ ପ୍ରତିଶତ ହେବ ବୋଲି ଆକଳନ କରାଯାଇଥିଲା । ନୂଆ ସରକାର ଯେଉଁ ପୂର୍ଣ୍ଣାଙ୍ଗ ବଜେଟ ଆଣିବେ ସେଥିରେ ନିର୍ବାଚନ ସମୟ ପ୍ରତିଶ୍ରୁତିର ପ୍ରତିଫଳନ ରହିବ । ବିଜେପି ପକ୍ଷରୁ ନିର୍ବାଚନ ଇସ୍ତାହାରରେ ୨.୧୫ ଲକ୍ଷ ସରକାରୀ ପଦ ପୂରଣ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲା । ଏଥି ସହିତ ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ଯାହା କେବଳ ପ୍ରତିଶ୍ରୁତି ନୁହେଁ କାର୍ଯ୍ୟରେ ପରିଣତ ହେବାକୁ ଯାଉଛି । ଧାନ ପାଇଁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଦେବାର ପ୍ରତିଶ୍ରୁତିକୁ ଯଦି ବିଜେପି ପାଳନ କରିବ ତେବେ ରାଜ୍ୟର ଚାଷୀ ବର୍ଗ ଉପକୃତ ହେବେ । କେନ୍ଦ୍ରର ଆୟୁଷ୍ମାନ ଭାରତ, ପିଏମ କିଷାନ ସମ୍ମାନ ନିଧି ଲାଗି ଅଧିକ ବ୍ୟୟ ବରାଦ କରାଯିବ । ନୂଆ ଅଭିବୃଦ୍ଧି ଓ ବିକଶିତ ଓଡ଼ିଶା ଗଠନରେ ରାଜ୍ୟବାସୀ ବିଜେପିର ଡବଲ ଇଞ୍ଜିନ ସରକାରଙ୍କ ଠାରୁ ଢ଼େର ଆଶା, ଇଛା ଓ ସଂକଳ୍ପ ରଖିବା ସ୍ୱାଭାବିକ । ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି ହେଉ, ଓଡ଼ିଆ ପୁଅଟି ନିଜ ଗୋଡ଼ରେ ଛିଡ଼ା ହେବାର ସାମର୍ଥ୍ୟ ନିଜ ଜନ୍ମମାଟିରେ ରଖି ପ୍ରଗତିର ନୂଆ ଓଡ଼ିଶାରେ ନିଜ ପରିଚୟ ସୃଷ୍ଟି କରିବାରେ ବିଶେଷକରି ଯୁବ ବର୍ଗ ଓ ଯୁବ ଉଦ୍ୟୋଗୀମାନେ ସମର୍ଥ ହୁଅନ୍ତୁ ଲଘୁ ଉଦ୍ୟୋଗ ଦିବସ ଅବସରରେ ଏହି କାମନାଟି କୋଟି କୋଟି ଓଡ଼ିଶାବାସୀଙ୍କ ପକ୍ଷରୁ ମୁଁ ରଖୁଛି ।

*ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୮୯୨୬୨୮୧୭୦୭*

# ନୂଆ ଜୀବନ ଦେଉଛି ମୃତକଙ୍କ ଅଙ୍ଗ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ବିଜ୍ଞାନର ଅଭୂତପୂର୍ବ ଅଗ୍ରଗତି ସତ୍ତ୍ୱେ ମଣିଷର ଅଙ୍ଗ ତିଆରି କରିବାରେ ଚିକିତ୍ସା ବିଜ୍ଞାନ ସଫଳ ହୋଇନାହିଁ । କିନ୍ତୁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଅନ୍ୟ ଶରୀରରୁ ଜୀବିତ କିମ୍ବା ମୃତ ଅଙ୍ଗ ସଂଗ୍ରହ ଓ ପ୍ରତିରୋପଣ ଜରିଆରେ ଚିକିତ୍ସା ବିଜ୍ଞାନ ଅନେକ ବାଟ ଆଗେଇ ଯାଇଛି । ଚିକିତ୍ସା ବିଜ୍ଞାନରେ ଅଙ୍ଗଦାନ ଏକ ନୂଆ କ୍ଷେତ୍ର ଯେଉଁଠି ମୃତ୍ୟୁ ପରେ ଗୋଟିଏ ମଣିଷର ହୃତପିଣ୍ଡ, ଫୁସଫୁସ, ବୃକକ୍, ଯକୃତ, ଚକ୍ଷୁ ମୂଲ୍ୟବାନ ଅଙ୍ଗକୁ ଅନ୍ୟ ଲୋକଙ୍କ ଦେହରେ ପ୍ରତିରୋପଣ କରାଯାଉଛି । ଏହାଦ୍ୱାରା ବହୁ ଲୋକ ନୂଆ ଜୀବନ ପାଉଛନ୍ତି । କିନ୍ତୁ ଏ ଦିଗରେ ଅନେକ ପ୍ରତିବନ୍ଧକ ରହିଛି । ସେ ସବୁର ପ୍ରତିକାର କରାଯାଇପାରିଲେ ଅଙ୍ଗଦାନ ମାନବ ସଭ୍ୟତାରେ ଏକ ନିର୍ଣ୍ଣାୟ ଭୂମିକା ନିର୍ବାହ କରିପାରିବ । ଅଙ୍ଗଦାନର ମହତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ମାସ ତେର ତାରିଖରେ ବିଶ୍ୱ ଅଙ୍ଗଦାନ ଦିବସ ପାଳନ କରାଯାଉଛି ।

ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହରାଇ ପ୍ରତିବର୍ଷ ବହୁ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟୁଛି । ବର୍ଷକୁ ପ୍ରାୟ ଦୁଇ ଲକ୍ଷ ଲୋକେ ଯକୃତ ହରାଇବାରେ ମୃତ୍ୟୁବରଣ କରୁଥିବାବେଳେ ପ୍ରାୟ ପଚାଶ ହଜାର ଲୋକେ ହୃଦଘାତରେ ପ୍ରାଣ ହରାଉଛନ୍ତି । ସେହିପରି କିଡ଼ନୀ, ଅଗ୍ନାଶୟ, ଫୁସଫୁସ, ଆମାଶୟ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହରାଇ ଅନେକଙ୍କ ପ୍ରାଣ ଯାଉଛି । କିନ୍ତୁ ଏହିସବୁ ଅଙ୍ଗ ଆବଶ୍ୟକତା ଅନୁସାରେ ପ୍ରତିରୋପଣ ହୋଇପାରୁନାହିଁ । ଅଙ୍ଗଦାନ ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ସଚେତନତା କରାଯାଉଛି । ଏ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ଅପେକ୍ଷା ବହୁ ଆଗରେ ରହିଛି । ଓଡ଼ିଶାରେ ଅଙ୍ଗଦାତାଙ୍କ ମର ଶରୀରକୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯିବା ସହ ଅଙ୍ଗଦାନ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୂରଜ ସମ୍ମାନ ପ୍ରଦାନ ଆରମ୍ଭ କରିଥିଲେ । ଏହି ସମ୍ମାନ ଭାରତରେ ପ୍ରଥମ । କିନ୍ତୁ ଏଥିପାଇଁ ଏବେ ବି ସଚେତନତାର ଅଭାବ ରହିଛି । ଜଣେ ବ୍ୟକ୍ତିଙ୍କ ମସ୍ତିଷ୍କ ମୃତ୍ୟୁ ହେବା ପରେ ଏକ ଗୋଲଡ଼େନ ପିରିୟଡ଼ ରହିଥାଏ । ଏହି ସମୟ ଅବଧି ମଧ୍ୟରେ ମର ଶରୀରରୁ ଅଙ୍ଗ କଢ଼ାଯାଇ ଅନ୍ୟ ଜଣଙ୍କ ଶରୀରରେ ପ୍ରତିରୋପଣ କରାଯାଇଥାଏ । କିନ୍ତୁ ଏହି ସୁବର୍ଣ୍ଣ ସମୟଟି ପ୍ରତି ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ହାତରେ ରହିଥିବାବେଳେ ସେମାନେ ଏହାକୁ ପାଳନ କରୁନଥିବା କୁହାଯାଉଛି । ପ୍ରତି ହସ୍ପିଟାଲରେ ଆଇସିୟୁରେ ବ୍ରେନ ଡେଡ ଚିହ୍ନଟ ପାଇଁ ଚାରି ଜଣିଆ କମିଟି ରହିଥାନ୍ତି । ସେମାନେ ଏ ସମ୍ପର୍କରେ ଘୋଷଣା କରିଥାନ୍ତି । ପରେ ମୃତକଙ୍କ ପରିବାରଲୋକଙ୍କୁ ଅଙ୍ଗଦାନ ପାଇଁ ପ୍ରସ୍ତାବ ଦିଆଯାଇ ଏକ ଫର୍ମ ପୂରଣ କରାଯାଇଥାଏ । ରୋଗୀର ବ୍ରେନ ଡେଡ ହେବାପରର ଗୋଲଡ଼େନ ପିରିୟଡ଼ ଅବଧି ଏବଂ ଗ୍ରୀନ୍ କରିଡ଼ର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବ୍ରେଡ଼ ଡେଡ ସମୟକୁ ହସ୍ପିଟାଲ କର୍ତ୍ତୃପକ୍ଷ ତୁରନ୍ତ ଘୋଷଣା କରୁନଥିବାରୁ ଏହି ପ୍ରକ୍ରିୟା ବିଳମ୍ବ ହୋଇ ମୃତ ବ୍ୟକ୍ତିଙ୍କ ଅଙ୍ଗ ପ୍ରତିରୋପଣ ହୋଇପାରୁନଥିବା କୁହାଯାଉଛି । ସୂଚନା ଅନୁସାରେ ଅଙ୍ଗ ପ୍ରତିରୋପଣ ନିମନ୍ତେ ରାଜ୍ୟରେ ମୋଟ ବାରଟି ହସ୍ପିଟାଲକୁ ସରକାରୀ ସ୍ୱୀକୃତି ମିଳିଥିବାବେଳେ ସେଥିମଧ୍ୟରୁ ଭୁବନେଶ୍ୱରରେ ଏଗାରଟି ଏବଂ କଟକରେ ଗୋଟିଏ ରହିଛି । ସେହିପରି ଟିସୁ ପ୍ରତିରୋପଣ ନିମନ୍ତେ ଭୁବନେଶ୍ୱରର ଦୁଇଟି ହସ୍ପିଟାଲକୁ ସରକାରୀ ସ୍ୱୀକୃତି ପ୍ରଦାନ କରାଯାଇଛି । ୨୦୧୯ ମସିହାରେ ଓଡ଼ିଶାରେ ଓଡ଼ିଶା ରାଜ୍ୟ ଅଙ୍ଗ ଓ ଟିସୁ ପ୍ରତିରୋପଣ ସଂଗଠନ ଆରମ୍ଭ ହୋଇଥିଲା । ଏହା ମାଧ୍ୟମରେ ଅଙ୍ଗ ହରାଇଥିବା ଅନେକ ବ୍ୟକ୍ତି ଅଙ୍ଗ ପାଇଁ ନୂଆ ଜୀବନ ପାଇ ପାରିଛନ୍ତି । ଏଥିପାଇଁ ଆବେଦନକାରୀଙ୍କୁ ପଞ୍ଜୀକରଣ କରିବାକୁ ପଡ଼ିଥାଏ । ଏହାପରେ ନୋଟୋ (ନ୍ୟାସନାଲ ଅରଗାନ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅରଗାନାଇଜେସନ) ନିୟମ ଅନୁସାରେ ରୋଗୀଙ୍କ ସ୍ଥିତି, ବ୍ଲଡ଼ଗ୍ରୁପ ଏବଂ ଅନ୍ୟାନ୍ୟ ପରୀକ୍ଷା କରାଯାଇ ଅଙ୍ଗ ପ୍ରତିରୋପଣ କରାଯାଇଥାଏ । ପ୍ରତିବର୍ଷ ପ୍ରାୟ ଅଶି ଜଣ ଲୋକେ ଅଙ୍ଗ ପ୍ରତିରୋପଣ କରୁଥିବା ବେଳେ ଏ ପର୍ଯ୍ୟନ୍ତ ସତର ଜଣ ଅଙ୍ଗଦାନ କରିଥିବା ଜଣାପଡ଼ିଛି । କେବଳ ୨୦୨୪ ମସିହା ଅଗଷ୍ଟ ମାସ ସୁଦ୍ଧା ୯ଜଣ ଅଙ୍ଗ ଦାନ କରିଛନ୍ତି । ସେଥିମଧ୍ୟରେ ଚାରି ଜଣ ଶିଶୁ ମଧ୍ୟ ରହିଥିବା ବେଳେ ଚଳିତ ବର୍ଷ ୧୦ଜଣଙ୍କୁ ସୂରଜ ସମ୍ମାନ ପ୍ରଦାନ କରାଯିବ ବୋଲି ସୋଟୋ ପକ୍ଷରୁ କୁହାଯାଇଛି । ଏ ସମ୍ପର୍କରେ ଭାରତ ଶରୀର ଓ ଅଙ୍ଗଦାନ ସମିତି, ଅଧ୍ୟକ୍ଷ ଡ.ପ୍ରଭାସ ଆଚାର୍ଯ୍ୟ କହିଛନ୍ତି ଯେ ସେ ପ୍ରଥମେ ଓଡ଼ିଶାରେ ୨୦୧୨ ମସିହାରୁ ଭାରତ ଶରୀର ଅଙ୍ଗଦାନ ସମିତି ମାଧ୍ୟମରେ ସଚେତନତା ଆରମ୍ଭ କରିଥିଲେ । ଏ ପର୍ଯ୍ୟନ୍ତ ପ୍ରାୟ ୫୦ ହଜାର ଲୋକେ ଅଙ୍ଗଦାନ ପାଇଁ ପଞ୍ଜୀକରଣ କରିସାରିଛନ୍ତି । ଏହାସହ ଅନଲାଇନ (angadanna.com) ମାଧ୍ୟମରେ ମଧ୍ୟ ପଞ୍ଜୀକରଣ ସୁବିଧା ରହିଛି । କିନ୍ତୁ ସରକାର କେବଳ ମେଟ୍ରୋ ସିଟି କଟକ ଏବଂ ଭୁବନେଶ୍ୱର ମଧ୍ୟରେ ଅଙ୍ଗ ପ୍ରତିରୋପଣ ସୁବିଧା କରିଥିବା ବେଳେ ସମସ୍ତ ଅଙ୍ଗ ପ୍ରତିରୋପଣ ସୁବିଧା ଏ ପର୍ଯ୍ୟନ୍ତ ହୋଇପାରି ନଥିବାରୁ ବାହାର ରାଜ୍ୟର ହସ୍ପିଟାଲ ଉପରେ ନିର୍ଭର କରିବାକୁ ପଡୁଛି । ଏହାସହ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ଏହି ସୁବିଧା ଯୋଗାଇଦେବା ଉଚିତ । କାରଣ ବିଭିନ୍ନ ଜିଲ୍ଲାରେ ପ୍ରତିଦିନ ଅନେକ ଲୋକ ବିଭିନ୍ନ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିଲେ ବି ସେମାନଙ୍କ ଅଙ୍ଗଦାନ କିମ୍ବା ପ୍ରତିରୋପଣ କରାଯାଇପାରୁନାହିଁ । ଏଥିପାଇଁ ସରକାରୀ ଭିତ୍ତିଭୂମିର ଆବଶ୍ୟକତା ଅତ୍ୟନ୍ତ ଜରୁରୀ । ସେହିପରି ଆମ୍ଭ ମାନଙ୍କ ଭିତରେ ସଚେତନତା ମଧ୍ୟ ବଢ଼ିବା ଜରୁରୀ ଯାହାଦ୍ୱାରା ମୃତ୍ୟୁପରେ ମଧ୍ୟ ଜଣେ ଅନ୍ୟ ମାନଙ୍କ ଶରୀରରେ ପୁର୍ନଜନ୍ମ ପାଇପାରିବ ଏବଂ ଏହା ଜୀବନର ଏକ ଶ୍ରେଷ୍ଠ ଦାନ ଓ ଜୀବନ ସାଧନା କହିଲେ ଅତ୍ୟୁକ୍ତି ହେବନାହିଁ ।

ବାକ୍‌ଶ୍ରବଣ ବିଶେଷଜ୍ଞ, ଧ୍ୱନୀ,
କାଠଗୋଲାରୋଡ଼, ମଙ୍ଗଳାବାଗ, କଟକ




# ବିଫଳ ଶାସନ ଓ ଚରମ ଅବ୍ୟବସ୍ଥାର ସରକାର ବିଜେଡି : ଡ. ଏ. ଚେଲ୍ଲାକୁମାର

ଭୁବନେଶ୍ୱର (ପିଏନ)-ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଓଡିଶାର ନବନିଯୁକ୍ତ କଂଗ୍ରେସ ପ୍ରଭାରୀ ଡ. ଏ. ଚେଲାକୁମାର, ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର, ପିସିସି କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଦୀପ ମାଝୀ, ସାଂସଦ ଶ୍ରୀ ସପ୍ତଗିରି ଉଲାକା ଓ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁନ୍‌ଗୋଙ୍କ ଉପସ୍ଥିତିରେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରିଥିଲେ। ସର୍ବପ୍ରଥମେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଉତ୍କଳମଣିଙ୍କ ସ୍ମୃତିଚାରଣ କରି କହିଲେ ଯେ ପଣ୍ଡିତ ଗୋପବନ୍ଧୁ ଦାସ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଂସ୍ଥାପକ ଅଧ୍ୟକ୍ଷ ଥିଲେ ଓ ତାଙ୍କରି ମାର୍ଗ ସଦା ଅନୁକରଣୀୟ। କଂଗ୍ରେସ ଦଳର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଲୋକପାତ କରି କହିଥିଲେ ଯେ ଦେଶର ସ୍ୱାଧିନତା ଆନ୍ଦୋଳନରୁ କଂଗ୍ରେସର ଜନ୍ମ ଏବଂ ଏକ ରାଜନୈତିକ ଦଳ ଭାବରେ କଂଗ୍ରେସ ସର୍ବଦା ବିକାଶ ଉପରେ ଗୁରୁତ୍ୱ ଦେଇ ଆସିଛି। ସାଧାରଣ ଜନତାଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ସାମ୍ବିଧାନିକ ପଦପଦବୀ ଏବଂ ପଂଚାୟତିରାଜ ବ୍ୟବସ୍ଥା ଭଳି ଲୋକାଭିମୁଖୀ ଓ ଜନତାଙ୍କ ନିକଟରେ ଉତରଦାୟୀ ସରକାର ଦେଶକୁ ଦେଇଆସିଛି। କିନ୍ତୁ ଆଜିର ଦିନରେ ଓଡିଶା ଭଳି ପ୍ରାକୃତିକ ସଂପଦରେ ଭରପୁର ପ୍ରଦେଶର ଜନତା




କର୍ମନିଯୁକ୍ତି ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଦୀର୍ଘ ୨୧ ବର୍ଷ ଧରି ଶାସନ କ୍ଷମତାରେ ଥିବା ଦଳ ରାଜ୍ୟରେ ନିଯୁକ୍ତିର ସୁଯୋଗ ସୃଷ୍ଟି କରିନପାରିବା ଚରମ ଅପାରଗତାକୁ ପଦାରେ ପକାଉଛି। ରାଜ୍ୟର ଆର୍ଥିକ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ସ୍ଥିତିରେ ଅଛି। ୨୦୦୦ ମସିହାରେ ରାଜ୍ୟର ଋଣ ପରିମାଣ ୧୮,୧୦୦ କୋଟି ଥିବା ବେଳେ ୨୦୨୦ ମସିହାରେ ଏହା ବୃଦ୍ଧି ପାଇ ୧,୩୦,୦୦୦ କୋଟିରେ ପହଂଚିଛି। ରାଜ୍ୟର ୩୫ଟି ବୃହତ୍ ଶିଳ୍ପ ଯଥା ରାଉରକେଲା ଷ୍ଟିଲ ପ୍ଲାଂଟ, ପାରାଦ୍ୱୀପ ପୋର୍ଟ, ନାଲ୍‌କୋ ଓ ହାଲ୍ ଆଦି କଂଗ୍ରେସ ଶାସନ ସମୟରେ ପ୍ରତିଷ୍ଠା ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ 'ହଜାର ଦିନରେ ହଜାର ଶିଳ୍ପ' ଓଡିଶାର ଶିଳ୍ପାୟନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା ଏବଂ ତା ସହିତ ୨.୫ ଲକ୍ଷ ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା। କଂଗ୍ରେସ ସରକାର ସମୟରେ ଓଡିଶାରେ ୯ଟି ସୂତାକଳ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ବର୍ତମାନ ସମସ୍ତ ଶିଳ୍ପ ପ୍ରତିଷ୍ଠାନ ବିଜେଡି ସରକାର ସମୟରେ ବନ୍ଦ ହୋଇଯାଇଛି। ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିଲେ ମଧ କଂଗ୍ରେସ ସରକାର ସମୟରେ ପ୍ରତିଷ୍ଠା ହୋଇଥିବା ବୃହତ୍ ଜଳସେଚନ ପ୍ରକଳ୍ପ ଯଥା ହୀରାକୁଦ ଡ୍ୟାମ, ରେଙ୍ଗାଲି ପ୍ରୋଜେକ୍ଟ, ସୁବର୍ଣ୍ଣରେଖା ପ୍ରୋଜେକ୍ଟ, ଅପର ଇନ୍ଦ୍ରାବତୀ, ଲୋୟର ଇନ୍ଦ୍ରାବତୀ ଓ କୋଲାବ ତଥା ୧୨ଟି ମଧ୍ୟମ ଜଳସେଚନ ପ୍ରକଳ୍ପକୁ ବାଦ୍ ଦେଇ ଗୋଟିଏ ବି ଜଳସେଚନ ପ୍ରକଳ୍ପ ବିଗତ ୨୧ ବର୍ଷ ଭିତରେ କରାଯାଇନାହିଁ। ଏହାବାଦ୍ ସମଗ୍ର ରାଜ୍ୟର ଚାଷ ଜମିର ମାତ୍ର ୩୫ ପ୍ରତିଶତ ଜମି ମଧ ଜଳସେଚିତ ହୋଇପାରୁନାହିଁ। ଏହା ବିଜେଡି ସରକାରଙ୍କ ପ୍ରଶାସନିକ ବିଫଳତାର ନଗ୍ନ ଉଦାହରଣ। ଓଡିଶାରେ ବେକାରୀ ସମସ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅତି ଉତ୍କଟ ଏବଂ ଏହା ୨୪ ପ୍ରତିଶତ। ଯାହାକି ଜାତୀୟ ହାରଠାରୁ ଯଥେଷ୍ଟ ଅଧିକ। କୋଭିଡ୍ ସମୟରେ ରାଜ୍ୟକୁ ଫେରିଥିବା ୧୫ ଲକ୍ଷ ପ୍ରବାସୀ ଶ୍ରମିକ ରୋଜଗାର ନପାଇ ପୁନର୍ବାର କର୍ମସଂସ୍ଥାନ ଆଶାରେ ବାହାର ରାଜ୍ୟକୁ ଯିବା ଆରମ୍ଭ କଲେଣି। ଓଡିଶା ସରକାରଙ୍କର ସ୍କିଲ୍ ମ୍ୟାପିଂ କାର୍ଯ୍ୟ କେବଳ ଘୋଷଣାରେ ସୀମିତ ରହିଗଲା। ଶିକ୍ଷା କ୍ଷେତ୍ରରେ ବିଗତ ୨୧ ବର୍ଷ ଭିତରେ ଓଡିଶା ଅତ୍ୟନ୍ତ ଦୟନୀୟ ସ୍ଥିତିରେ ପହଂଚିଛି। ପାଖାପାଖି ୨୦ ହଜାର ସ୍କୁଲ ବନ୍ଦ ହେବାକୁ ବସିଛି ଏବଂ ପ୍ରାଥମିକ ସ୍ତରରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଓଡିଶାରେ ସର୍ବାଧିକ। ନିକଟରେ ଓଡିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ଆଇନ୍ ଭଳି ଏକ କଳା ଆଇନ୍ କରାଯାଇ ବିଶ୍ୱ ବିଦ୍ୟାଳୟରେ ସରକାରୀ ହସ୍ତକ୍ଷେପ ପାଇଁ ରାସ୍ତା ପରିଷ୍କାର କରାଯାଇଛି। ଏହା ଓଡିଶା ଶିକ୍ଷା ବ୍ୟବସ୍ଥା ପ୍ରତି ଚରମ ଉପହାସ। ଓଡିଶାର ସ୍ୱାସ୍ଥ୍ୟ ସେବା ଅତ୍ୟନ୍ତ ବିପର୍ଯ୍ୟସ୍ତ। ଶିଶୁ ମୃତ୍ୟୁରେ ଓଡିଶା ସମଗ୍ର ଦେଶରେ ୩ ନମ୍ବର ସ୍ଥାନରେ ଥିବା ବେଳେ ୫ ବର୍ଷରୁ କମ୍ ଶିଶୁଙ୍କ ମୃତ୍ୟୁରେ ସମଗ୍ର ଦେଶରେ ୨ୟ ସ୍ଥାନ ଅଧିକାର କରିଛି। ରାଜ୍ୟରେ ୬୫ ପ୍ରତିଶତଶିଶୁ ଅପପୃଷ୍ଟିର ଶିକାର ହେଉଥିବା ବେଳେ ୪୮ ପ୍ରତିଶତ ମହିଳା ଅପପୃଷ୍ଟିର କବଳରେ କବଳିତ। ରାଜ୍ୟରେ ଆଇନ୍‌ର ଶାସନ ନାହିଁ କହିଲେ ଚଳେ। ଗଣତନ୍ତ୍ରରେ ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ଶାସନ ବ୍ୟବସ୍ଥା ଚାଲିବା ପରିବର୍ତେ କିଛି ମୁଷ୍ଟିମେୟ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯାଉଛି। ରାଜ୍ୟରେ ପଂଚାୟତିରାଜ ବ୍ୟବସ୍ଥା ସଂପୂର୍ଣ୍ଣ ଫେଲ୍ ମାରିଛି ଏବଂ ବିଧାୟକ ତଥା ମନ୍ତ୍ରୀମାନଙ୍କର ପ୍ରଶାସନିକ କାର୍ଯ୍ୟରେ କୌଣସି ଭୂମିକା ରହୁନାହିଁ। କରୋନା ବିପତି ସମୟରେ ମାସ୍କ, ଭେଂଟିଲେଟର ତଥା ବିଭିନ୍ନ ଚିକିତ୍ସା ଉପକରଣ କିଣିବାରେ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ଦୁର୍ନୀତି ଏ ସରକାରର ସମ୍ବେଦନହୀନତାକୁ ପଦାରେ ପକାଇ ଦେଇଛି। ପ୍ରଭୁ ଜଗନ୍ନାଥ ଏଭଳି ସମ୍ବେଦନହୀନ ସରକାରକୁ କଦାପି କ୍ଷମା କରିବେ ନାହିଁ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ଶିକ୍ଷା ନିମନ୍ତେ ସହାୟତା ରାଶି ପ୍ରଦାନ

ଧାମରା, (ପିଏନ): ଆଦାନୀ ଧାମରା ପୋର୍ଟର ସିଏସ୍‌ଆର ୱିଙ୍ଗ୍ ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ଜାଗୁଲା ଗ୍ରାମପ ।ୟତ ଅନ୍ତର୍ଗତ ଜୟଦୁର୍ଗାପାଟଣା ଗ୍ରାମର ସ୍ୱର୍ଗତ ଶ୍ରଦ୍ଧାଞ୍ଜଳି ଗିରିଙ୍କ ଦୁଇ କନ୍ୟାଙ୍କୁ ଶିକ୍ଷା ନିମନ୍ତେ ସହାୟତା ରାଶିପ୍ରଦାନ କରାଯାଇଛି। ଏହି ସହାୟତାକୁ ସ୍ୱୀକାର କରି ସ୍ୱର୍ଗତ ଶ୍ରଦ୍ଧାଞ୍ଜଳି ଗିରିଙ୍କ ସ୍ୱାମୀ ମାନସ କୁମାର ଗିରି କହିଛନ୍ତି କି ଆଦାନୀ ଧାମରା ପୋର୍ଟ
କଠିନ ସମୟରେ ସବୁବେଳେ ଲୋକଙ୍କ ସହ ଛିଡା ହୋଇଛି । ଏହି ସହାୟତା ମୋ ପିଲାଙ୍କୁ ନିରବଚ୍ଛିନ ଶିକ୍ଷା ଦେବାରେ ସାହାଯ୍ୟ କରିବ। ଅଭିଲିପ୍ସା ବ ମାନ କୋଇଥଖୋଲା ସରସ୍ୱତୀ ଶିଶୁ ମନ୍ଦିରରେ ପାଠ ପଢୁଛନ୍ତି । ଶ୍ରୀମତୀ ଗିରି ଆଦାନୀ ଫାଉଣ୍ଡେସନର ଫର୍ଚ୍ୟୁନ ସୁପୋଷଣ ପ୍ରକଳ୍ପରେ ସଙ୍ଗିନୀ ଭାବେ କାର୍ଯ୍ୟରତ ଥିଲେ। ଫର୍ଚ୍ୟୁନ ସୁପୋଷଣ ପ୍ରକଳ୍ପରେ ତାଙ୍କର ଉତ୍ସର୍ଗୀକୃତ ଅବଦାନର ସ୍ୱୀକୃତି ଭାବେ ଫାଉଣ୍ଡେସନ୍ ପକ୍ଷରୁ ତାଙ୍କର ଦୁଇ କନ୍ୟା ଅଭିଲିପ୍ସା ପ୍ରିୟଦର୍ଶିନୀ (୫ବର୍ଷ)



ଓ ସୋନାକ୍ଷୀ (ଦେଢ ବର୍ଷ)ଙ୍କୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ ନିମନ୍ତେ ଏହି ରାଶି ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ଆଦାନୀ ଧାମରା ପୋର୍ଟ ଏହାର ସିଏସ୍‌ଆର ୱିଙ୍ଗ୍, ଆଦାନୀ ଫାଉଣ୍ଡେସନ୍ ମାଧ୍ୟମରେ ଏହାର ପାରିପାର୍ଶ୍ୱିକ ତଥା ରେଳ କରିଡରରେ ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ ସିଏସ୍‌ଆର୍ ପଦକ୍ଷେପ ଗ୍ରହଣ କରୁଛି । ଶିକ୍ଷା, ସ୍ୱାସ୍ଥ୍ୟ, ସ୍ଥାୟୀ ଜୀବିକା ଏବଂ ସମ୍ପ୍ରଦାୟର ଭି ିଭୂମି ବିକାଶ ହେଉଛି ମୁଖ୍ୟ କ୍ଷେତ୍ର ।

# ମହିଳାଙ୍କ ଘରେ ପଶି ଅସଦାଚାରଣ ଅଭିଯୋଗ

ମାଲକାନଗିରି,(ପିଏନ)--ପଡିଆ ବ୍ଲକ ଶିମିଳିବାଞ୍ଚା ପଂଚାୟତ ଅନ୍ତର୍ଗତ ଏମଭି୬୧ ଗ୍ରାମରେ ଜଣେ ମହିଳାଙ୍କ ଘରେ ସେହି ଗ୍ରାମର ଜଣେ ଲୋକ ରାତି ଅଧରେ ଅଚାନକ ପ୍ରବେଶ କରିତାଙ୍କୁ ଅସଦାଚାରଣ କରିଥିବା ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଏମ୍ ଭି ୬୧ ଗ୍ରାମର ରୀନା (ଛଦ୍ମ ନାମ) ନିଜ ଘରେ ଶୋଇଥିବା ବେଳେ ତାଙ୍କ ପଡୋଶୀ ମଦନ ବୈରାଗୀ ଅଧରାତିରେ ରେ ଘରକୁ ପ୍ରବେଶ କରିଥିଲେ। ଏତିକିବେଳେ ନୀଳିମା ଙ୍କ ନିଦ ଭାଙ୍ଗିଯିବାରୁ ସେ ଉଠିପଡି ମଦନ କୁ ପ୍ରତିରୋଧ କଲେ। ଗତକାଲି ଏ ନେଇ ଗ୍ରାମରେ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ମଦନ ର ଏଭଳି କାଣ୍ଡ ଯୋଗୁଁ ଗ୍ରାମବାସୀ ବୈଠକକୁ ବାତିଲ କରିଥିଲେ। ଏହାପରେ ଆଜି ପୀଡିତା ନ୍ୟାୟ ପାଇଁ ଏମଭି ୭୯ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଏମଭି୭୯ ଥାନାରେ କେସ୍ ନଂ ୫୭/୨୦ ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଏମଭି ୭୯ ଥାନା ଅଧିକାରୀ ଜୋହନ ଖୁଜୁର କହିଛନ୍ତି। ଅନ୍ୟପଟେ ମଦନ ମନ୍ଦ ଉଦ୍ଦେଶ୍ୟ ରଖି ପୀଡିତାଙ୍କ ଘରକୁ ଯାଇଥିବାରୁ ପରିବାର ଲୋକ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି।

# ଅଘୋଷିତ ବିଦ୍ୟୁତ କାଟ ଓ ବିଲ୍ ଛାଡ଼ ଲାଗି କାର୍ଯ୍ୟାଳୟ ଘେରିଲେ

କୋରେଇ, (ପିଏନ)– ଯାଜପୁର ରୋଡ୍ ସବଡ଼ିଭିଜନ ଅଧିନସ୍ଥ ପାଣିକୋଇଲି ବିଦ୍ୟୁତ ସେକ୍ସନର ଦାୟିତ୍ୱହୀନତା ଓ କରୋନା ସହିତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବଡ଼ବିରୁହାଁ ପଂଚାୟତ ଅଧିନସ୍ଥ ସୋଲପଟା ଗ୍ରାମର ଉପଭୋକ୍ତା ଗୁରୁବାର ଦିନ ପାଣିକୋଇଲି ବିଦ୍ୟୁତ ସେକ୍ସନକୁ ଘେରାଉ କରିଥିଲେ। ସେମାନଙ୍କର ଦାବି ମୁତାବକ କରୋନା ମହାମାରୀ ଯୋଗୁ ଜୀବିକା ହରାଇଥିବା ସହିତ ଚଳିତ ଖରସ୍ରୋତା ବନ୍ୟାରେ ତାଙ୍କର ଫସଲ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଅଛି। ତା ଛଡ଼ା ବିଦ୍ୟୁତ କାର୍ଯ୍ୟାଳୟ ପକ୍ଷରୁ ପ୍ରତିମାସରେ ତାଙ୍କୁ ବିଲ ଦିଆଯାଉନାହିଁ କିମ୍ବା ବିଦ୍ୟୁତ ବିଲ ଆଦାୟ କରିବା ଲାଗି କୌଣସି କର୍ମଚାରୀ ଉକ୍ତ ଗ୍ରାମକୁ ଯାଉନାହାନ୍ତି । ଫଳରେ ଗ୍ରାମବାସୀଙ୍କ ଉପରେ ବିଦ୍ୟୁତ ବିଲ ବାକି ରହିଛି। ଏହା ଉପରେ ବିଭାଗ ତରଫରୁ କୌଣସି ପୂର୍ବ ସୂଚନା ପ୍ରଦାନ କରାନଯାଇ କିମ୍ବା କୌଣସି ଅଧିକାରୀ ତାଙ୍କର ସମସ୍ୟା ଉପରେ ଦୃଷ୍ଟି ନିକ୍ଷେପ ନକରି ତରବରିଆ ଭାବେ ସମ୍ପୂର୍ଣ୍ଣ ଗ୍ରାମକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଥିଲେ। ଉପଭୋକ୍ତା ମାନେ ଚାଷ ଲାଗି ପୁନର୍ବାର ଅଂଟା ଭିଡୁଥିବା ବେଳେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ଯୋଗୁଁ ବୋରିଂ ଗୁଡ଼ିକ ବନ୍ଦ ହୋଇଯାଇଥିଲା। ଏହା ସହିତ ପିଲାମାନଙ୍କ ପାଠପଢା ଓ ଗ୍ରାମରେ କରୋନା ପିଡ଼ିତ ହୋମ କ୍ୱାରେଟାଂଇନରେ ରହୁଥିବା ବ୍ୟକ୍ତି ମାନେ ବିଦ୍ୟୁତ କାଟ ଯୋଗୁଁ ନାନା ଅସୁବିଧାର ସମ୍ମୁଖିନ ହୋଇଥିଲା। ଏ ଦିଗରେ ସେମାନେ ବିଭାଗର ଅଧିକାରୀ ଓ ଅଂଚଳର ଲାଇନମ୍ୟାନଙ୍କୁ ବାରମ୍ବାର ଫୋନ କଲେ ମଧ୍ୟ ସେମାନଙ୍କ ଠାରୁ କୌଣସି ଉତର ନମିଳିବାରୁ ସେମାନେ ଉତକ୍ଷିପ୍ତ ହୋଇ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହା ବ୍ୟତୀତ ବିଦ୍ୟୁତ ବିଭାଗ ତରଫରୁ ଲାଇନମ୍ୟାନଙ୍କ ସମେତ ବିଲ ଆଦାୟ ଓ ମିଟର ଲଗାଇବା ଲାଗି ଯାଉଥିବା ବ୍ୟକ୍ତି ମାନେ ତାଙ୍କୁ ଉତ୍କୋଚ ମାଗୁଥିବାର ଅଭିଯୋଗ ହୋଇଥିଲା। ଏ ଦିଗରେ ବିଭାଗ ତରଫରୁ ଉତ୍କୋଚ ମାଗିବା ନେଇ କୌଣସି ସ୍ପଷ୍ଟିକରଣ ଦିଆଯାଇନଥିବା ବେଳେ ସେମାନଙ୍କର ୭/୮ ମାସର ବିଦ୍ୟୁତ ବିଲ ବାକିଥିବା ଯୋଗୁଁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଛି ବୋଲି ପାଲଟା ଅଭିଯୋଗ କରିଥିଲେ। ସେମାନେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିଥିଲେ ମଧ୍ୟ ବିଭାଗର କୌଣସି ଅଧିକାରୀ ସେମାନଙ୍କର ସମସ୍ୟା ସମାଧାନ କରିବା ଲାଗି ପହଂଚି ନଥିଲେ।

# ଘୁଉଦୟଗିରି ଥାନା ପୋଲିସ ଜବତ କଲା ୫୦ କିଗ୍ରା ଗଞ୍ଜେଇ ଜଣେ ଗିରଫ

କନ୍ଧମାଳ,(ପିଏନ)- ଜିଲ୍ଲାରେ ବହୁମାତ୍ରରେ ଚୋରା ଗଞ୍ଜେଇ ଚାଲାଣ ହେବା ସହିତ ଦେଶୀ ମଦର କାରବାର ମଧ୍ୟ ବଢିବାରେ ଲାଗିଛି । ଏହାକୁ ଦୃଢ ଭାବରେ ରୋକିବାପାଇଁ କନ୍ଧମାଳ ଏସପି ଭିତିନ୍ ଅଗ୍ରୱାଲ ଜିଲ୍ଲାର ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ପରିଣାମ ସ୍ୱାରୁପ ଆଜି କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ଥାନା ପୋଲିସ ଏକ ହୋଣ୍ଡା ସିଟି କାର ଭିତରୁ ୫୦ କିଗ୍ରା ଗଞ୍ଜେଇ ଜବତ କରିବାସହିତ ଜଣେ ଚାଲାଣକାରୀକୁ ଗିରଫ କରିଛି ପୋଲିସ । ଏହି ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇବାପରେ ପୋଲିସ ଚଢାଉ କରି ଏହି ଗଞ୍ଜେଇ ଜବତ କରିଛି । ଏହି ସଂକ୍ରାନ୍ତରେ ପୋଲିସ ଏକ ମାମଲା ୭୧/୨୦୨୦ ରୁଜ୍ଜୁ କରି ଜଣେ ଅଭିଯୁକ୍ତ ଫିରିଙ୍ଗିଆ ଅଂଚଳର ନାରାୟଣ ରଣାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିତିନ୍ ଅଗ୍ରୱାଲ ଟ୍ୱିଟ୍ ଜରିଆରେ ସୁଚନା ଦେଇଛନ୍ତି। ତେବେ ଗିରଫ ଅଭିଯୁକ୍ତ ଜଣକର ନାମ ଏବଂ ଠିକଣା ଜଣାପଡିନାହିଁ । ସେହିପରି ଘୁ.ଉଦୟଗିରି ଥାନା ଅଂଚଳରେ ଆଉ ଏକ ଘଟଣାରେ ଦେଶୀ ମଦ ପୋଚ ନଷ୍ଟ କରିବା ସହିତ ଦଶୀ ବିଦେଶୀ ମଦ ଜବତ କରି ଜଣ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୋଲିସ । ସୁଚନା ଅନୁସାରେ ଆଜି ପୋଲିସ ଘୁ.ଉଦୟଗିରି ଥାନା ଅଂଚଳରେ ଲୋକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଦେଶୀ ମଦ ଭାଟିକୁ ଭାଙ୍ଗିବା ସହିତ ସେଠାରେ ୨୫୦ ଲିଟର ଦେଶୀ ମଦ ଜବତ କରିବା ସହିତ ସେଠାରେ ମଦ ପ୍ରସ୍ତୁତ ପାଇଁ ରହିଥିବା ୨୦୦ ଲିଟର ପୋଚ ମଧ୍ୟ ନଷ୍ଟ କରିଛି ପୋଲିସ ।

# ମୋଦୀଙ୍କ ପାଇଁ କଷ୍ଟକର ସମୟ

**ସୌମେନ୍ଦ୍ର ଜେନା**

ଚଳିତବର୍ଷ ତୃତୀୟ ଥର ପାଇଁ ସରକାରକୁ ଆସିଥିଲେ ମଧ ବ ମାନର କେନ୍ଦ୍ର ସରକାର ଯେ ସ୍ୱାଭାବିକ ଢଙ୍ଗରେ କାର୍ଯ୍ୟ କରିପାରୁନାହାନ୍ତି ତାହା ଯେ କେହି କହିବ । କାରଣ କଠୋର ନିଷ୍ପ ି ନେବାପାଇଁ ପଛାଉନଥିବା ମୋଦୀ ଲୋକସଭାରେ ଦଳର ଦୁର୍ବଳ ସ୍ଥିତିରୁ ସହଯୋଗୀମାନେ ଚାପ ସୃଷ୍ଟି କରୁଥିବା ଦେଖି ପାରୁଛନ୍ତି । ନିର୍ଣ୍ଣୟକୁ ସହଯୋଗୀ ଦଳମାନଙ୍କ ଆଗ୍ରହରେ ପୁନର୍ବିଚାର ପାଇଁ ପଛକୁ ଫେରାଇବା ପାଇଁ ବାଧ ହେଉଛନ୍ତି । ନିକଟରେ ପାର୍ଲିଆମେ ରେ ଆସିଥିବା ବିଲକୁ ଜେପିସିକୁ ପଠାଇବା ପାଇଁ କଥା ଉଠିଛି । ଚିରାଗ ପାସୱାନଙ୍କ ପରି ସହଯୋଗୀ ନେତା ଓ ମନ୍ତ୍ରୀ ମଧ ଶୃଙ୍ଖଳା ବାହାରକୁ ଯାଇ ନିଜ ଦଳୀୟ ସ୍ୱାର୍ଥରେ ମନ୍ତବ୍ୟ ଦେଉଥିବା ଦେଖିବାକୁ ମିଳୁଛି । ଚନ୍ଦ୍ରବାବୁ ନାଇଡୁଙ୍କ ସହ ମୋଦୀ ବିରୋଧୀ ବିଦେଶୀ ନେତ୍ରୀ ମଧ ସାକ୍ଷାତ କରୁଛନ୍ତି। ଅପରପକ୍ଷେ କାଶ୍ମିରର ନିର୍ବାଚନ ଘୋଷଣା ହେଉହେଉ ସବୁ ମୋଦୀ ବିରୋଧୀ ଏବଂ ପାକ୍ ସମର୍ଥକ ଦଳ ୩୭୦ଧାରାକୁ ଫେରାଇ ଆଣି ପାକିସ୍ଥାନ ସହ ସଂପର୍କ ରକ୍ଷା ପାଇଁ ଲାଗି ପଡିଥିଲାବେଳେ ଆମେରିକାର ପ୍ରତିନିଧିଦଳ କେବଳ ମୋଦୀ ବିରୋଧୀ ନେତାମାନଙ୍କୁ କାଶ୍ମିରରେ ସାକ୍ଷାତ କରିବା ସନ୍ଦେହକୁ ଅଧିକ ଜୋର ଦେଇଛି । ସ୍ୱାଧୀନତା ବେଳେ କଂଗ୍ରେସ ହିନ୍ଦୁପାର୍ଟି ଏବଂ ଜିନ୍ନା ମୁସଲିମ ପାର୍ଟିର ଲୋକମାନ୍ୟତା ପାଇଥିଲାବେଳେ ଏବେ ବିଜେପି ହିନ୍ଦୁପାର୍ଟି ଏବଂ କଂଗ୍ରେସ ମୁସଲିମ ପାର୍ଟି ଭାବେ ଉଭା ହୋଇଛନ୍ତି। ମୁସଲିମ ଲିଗ ଓ ଜମାତେ ଇସଲାମୀର ସ୍ୱରରେ ଆଜିକାଲି କଂଗ୍ରେସ ଏବଂ ତାର ସହଯୋଗୀଦଳମାନେ କଥା ହେଉଛନ୍ତି । ସେହି ଢଙ୍ଗରେ ଭୋଟ କିଛି ଦେବା ପାଇଁ କହୁଛନ୍ତି। ତଥାକଥିତ କିଛି ରାଜନୈତିକ ଦଳ ଦେଶର ଆଦିବାସୀ ଏବଂ ଜନଜାତିର ଲୋକମାନଙ୍କୁ ଅଲଗା କହି ବା ିବାରେ ବ୍ୟସ୍ତ । ସେମାନେ ହିନ୍ଦୁ ସମାଜରୁ ଏମାନଙ୍କୁ ଅଲଗା କରି ନିଜ ଭୋଟ ବ୍ୟାଙ୍କ ଗଢିବାରେ ମଗ୍ନ । ଦକ୍ଷିଣରେ ଉ ର ବନାମ ଦକ୍ଷିଣ ଭାରତର ଘୃଣା ସୃଷ୍ଟି ହେଉ କିମ୍ବା ଦ୍ରାବିଡ ଅଣଦ୍ରାବିଡ ବକ୍ତବ୍ୟ ହେଉ, ରାମ ବନାମ ରାବଣ ସମର୍ଥନ ହେଉ କିମ୍ବା ନବୀଙ୍କ ବିରୋଧରେ କହିଲେ ମୁଣ୍ଡକାଟ ସ୍ଲୋଗାନ ଦେଉଥିବା ଜିହାଦି ଷଡଯନ୍ତ୍ର ହେଉ ଏସବୁ ଯେ ମୋଦୀଙ୍କ ଲୋକପ୍ରିୟତା ଓ ସମର୍ଥନକୁ ଭାଙ୍ଗିବା ପାଇଁ ଉଦ୍ଦିଷ୍ଟ ତା ସତକଥା । କିନ୍ତୁ ନିର୍ବାଚନ ଓ ସରକାର ପାଇଁ ବିଜେପି ଏବେ ପୁରୁଣା ଜନସଂଘ ନରହି କଂଗ୍ରେସର ସ୍ଥିତିକୁ ଚାଲିଆସିବା ପରେ କଂଗ୍ରେସ ଏବେ ଜମାତେ ଇସଲାମୀ ସ୍ତରକୁ ଚାଲିଯାଇଛି । ବିଜେପି ଓ ତାର ସହଯୋଗୀ ସଂଗଠନଗୁଡିକ ଅତୀତରେ ଯେପରି ହିନ୍ଦୁବାଦ କଥା କହୁଥିଲେ ଆଜି ସେଭଳି ସ୍ୱରରେ କହୁନାହାନ୍ତି । କେହି ଯଦି ଭାରତରେ ହିନ୍ଦୁତ୍ୱର କଥା ଅଧିକ କହୁଛି ତାକୁ ଉଗ୍ର ହିନ୍ଦୁ ବୋଲି ଚିତ୍ରଣ କରୁଛନ୍ତି । ତେଣୁ ଉ ରାଖଣ୍ଡରେ ସନାତନୀ ସନ୍ଥଙ୍କୁ ଗିରଫ କରାଯିବାଠାରୁ ଆରମ୍ଭ କରି ମଧ୍ୟପ୍ରଦେଶରେ ସାଧ୍ୱୀ ପ୍ରଜ୍ଞାଙ୍କ ପରି ଲୋକଙ୍କ ପାଟି ବନ୍ଦ କରାଗଲା । ମୁସଲମାନ ଭୋଟ ପାଇବା ପାଇଁ କେନ୍ଦ୍ର ସରକାରୀ ଯୋଜନା ଭରି ଭରି ଦିଆଗଲା । ହେଲେ ପରିଣାମ କଣ ହେଲା ତାହା ସମସ୍ତେ ଜାଣନ୍ତି, ଅଧିକ କହିବା ଆବଶ୍ୟକ ନାହିଁ । କଂଗ୍ରେସ ତୁଳନାରେ ବିଜେପି ସରକାର ମୁସଲିମଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ବିକାଶ କ୍ଷେତ୍ରରେ ଅଧିକ ଖର୍ଚ୍ଚ କରିଥିଲେ ମଧ ସେମାନେ ବିଜେପିକୁ ବିଶ୍ୱାସ କଲେ ନାହିଁ । ଏହାର ପ୍ରମାଣ ଆମେ ଗତ ଲୋକସଭା ନିର୍ବାଚନରେ ଦେଖିସାରିଛୁ । ଯେଉଁ ସମାଜ ଉପରେ ମୋଦୀ ଅଧିକ ଭରସା କରିଥିଲେ ସେମାନେ ତାଙ୍କୁ ନିରାଶ କରିଛନ୍ତି ।

ଯେଉଁ ସହଯୋଗୀମାନଙ୍କୁ ସାଙ୍ଗରେ ନେଇ ମୋଦୀ ସରକାର ଗଢିଲେ, ବଜେଟରେ ସେମାନଙ୍କ ରାଜ୍ୟପାଇଁ ଅଧିକ ବ୍ୟୟବରାଦ କଲେ, ସେମାନେ ମଧ ମୋଦୀଙ୍କୁ ଏବେ ନାଲି ଆଖି ଦେଖାଇବାରେ ବ୍ୟସ୍ତ । ତେଣୁ ସହଯୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ଏବେ ମୋଦୀ ଚିନ୍ତାରେ ରହିଛନ୍ତି । ରାଜ୍ୟସଭାରେ ସଂଖ୍ୟାଗରିଷ୍ଠତା ପାଇଁ ସଂଖ୍ୟାଧିକ ଆସନ ଅନ୍ୟଦଳରୁ ଆସିଥିବା ନେତାମାନଙ୍କୁ ଦେବାକୁ ବାଧ ହୋଇଛନ୍ତି । ନିଜ ସଂସଦୀୟ ଆସନ ଏବଂ ଅନ୍ୟ ନିର୍ବାଚନ ମଣ୍ଡଳୀରେ ବିଜେପି ଉ ର ପ୍ରଦେଶରେ ଦୁର୍ବଳ ହେବାରୁ ଅଧା ଆସନ ହାତରୁ ଚାଲିଗଲା । ଦଳ ଭିତରେ ସନ୍ତୁଳନ ରକ୍ଷା ପାଇଁ ଦୁଇ ଦୁଇ ଜଣ ନେତାଙ୍କୁ ଯୋଗୀଙ୍କ ସହଯୋଗୀ ହେବାଲାଗି ଉପମୁଖ୍ୟମନ୍ତ୍ରୀ ପଦ ଦିଆଯାଇଥିଲେ ମଧ ସେମାନେ ହିଁ ନିର୍ବାଚନ ଏବଂ ନିର୍ବାଚନ ପରେ ଦଳପାଇଁ ମୁଣ୍ଡବ୍ୟଥା ସୃଷ୍ଟି କରୁଛନ୍ତି । ପଶ୍ଚିମବଙ୍ଗରେ ଅରାଜକତା ଲାଗି ରହିଥିଲେ ମଧ ରାଷ୍ଟ୍ରପତି ଶାସନ ଜାରି କରିବାକୁ ପଛାଉଥିବା ବିଜେପି କ୍ରମଶଃ ହିନ୍ଦୁମାନଙ୍କ ଆସ୍ଥା ହରାଇବାରେ ଲାଗିଛି । ବଙ୍ଗଳାଦେଶପରି ଛୋଟ ଦେଶରେ କିପରି ହିନ୍ଦୁମାନଙ୍କୁ ହତ୍ୟାକରି ରାଜରାସ୍ତାରେ ଫିଙ୍ଗି ଦିଆଗଲା, ଓଭରବ୍ରିଜରେ ଟାଙ୍ଗି ଦିଆଗଲା ତାହା ଆମେ ଦେଖିସାରିଛୁ । ମୋଦୀ ସେତେବେଳେ ମଧ କିଛି କରିବାକୁ ସାହସ କରିପାରିଲେ ନାହିଁ । ସେହି ଘଟଣାରେ କୌଣସି ଇସଲାମିକ ରାଷ୍ଟ୍ର ମଧ ହିନ୍ଦୁଙ୍କ ସପକ୍ଷରେ ପଦେ ହେଲେ କହିଲେ ନାହିଁ । ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ଇସଲାମିକ ବର୍ବରତାର ସେମାନେ ନିରବ ସମର୍ଥକ । ହିଂସା, ଦ୍ୱେଷ, ରକ୍ତପାତ, ଦଙ୍ଗା,ମନ୍ଦିର ଭଙ୍ଗାର ସେମାନେ ଆମୋଦିତ ସହଯୋଗୀ । ସେମାନେ ମୋଦୀଙ୍କଠୁ ସୁବିଧା ପାଇଁ ଯେତେ ସମ୍ମାନ ପଦକ ଝୁଲାଇଲେ ମଧ ଅସଲବେଳରେ ଧ୍ୱଂସର ସଂଗୀତ ଗାନ କରିବେ । ଦେଶ ଭିତରେ ପ୍ରତିଦିନ କଂଗ୍ରେସ ନେତା ଆଦାନୀ ଓ ଅମ୍ବାନୀକୁ ଗାଳି ଦେଉଛନ୍ତି, କିନ୍ତୁ ବାହାଘର ଭୋଜୀ ଖାଇବାକୁ ଅମ୍ବାନୀ ଘରେ ପେଟବାଡେଇ ଧାଡି ବାନ୍ଧୁଛନ୍ତି । ଆଦାନୀଠୁ ସୁବିଧା ନେବା ପାଇଁ ତେଲେଙ୍ଗାନାର କଂଗ୍ରେସ ମୁଖ୍ୟମନ୍ତ୍ରୀ ଦ୍ୱାର ଖୋଲି ସ୍ୱାଗତ କରୁଛନ୍ତି । ଏଭଳି ଛଦ୍ମବେଶୀଙ୍କୁ ପାର୍ଲିଆମେ ରେ ନିତି ଦେଖୁଥିଲେ ମଧ ଗଣତନ୍ତ୍ରରେ ଗଣ ହିଁ ଶକ୍ତିଶାଳୀ ଥିବା ଯୋଗୁ ମୋଦି କିଛି କରିବା ସ୍ଥିତିରେ ନାହାନ୍ତି । ଅପରପକ୍ଷେ ତାଙ୍କର ବିନାଶ ପାଇଁ ପଞ୍ଜାବୀ ଓ ମୁସଲିମ ଦୈନିକ ଷଡଯନ୍ତ୍ରରେ ସାମିଲ ହେଉଛନ୍ତି । ତା ନହୋଇ ଥିଲେ ପଞ୍ଜାବ ଓ କାଶ୍ମିରରୁ ଦୁଇଜଣ ସନ୍ତ୍ରାସବାଦୀ ଲୋକସଭାକୁ ବିଜୟୀ ହୋଇ ଆସିନଥାନ୍ତେ । ଗଣରେ ମଧ ଘୁଣଲାଗେ, ତନ୍ତ୍ର ମଧ ଯନ୍ତ୍ରବତ କାର୍ଯ୍ୟକରେ, ଆଖିବୁଜି ଭୋଟ ଦିଏ, ଏହା ତାର ପ୍ରମାଣ । ଏଥର ସରକାରକୁ ଖସେଇବା ପାଇଁ ବ୍ୟବସ୍ଥା କରିଥିବା ଉ ର ଭାରତର ଯୋଜନାରେ କେବଳ ଓଡିଶା ଓ ଆନ୍ଧ୍ରପରି ଅଣପାରମ୍ପାରିକ ଭୋଟରମାନେ ଏକଜୁଟ ହୋଇ ସେଥିରେ ପାଣିପକାଇ ଦେଲେ ଯାହା ନଚେତ୍ ମୋଦୀଙ୍କ ସରକାର ଚାଲିଯିବା ସ୍ଥିତିକୁ ଆସିଯାଇଥିଲା । କିନ୍ତୁ ଆଗାମୀ ଦିନରେ ମହାରାଷ୍ଟ୍ର, ହରିୟାଣା ପରି ରାଜ୍ୟର ନିର୍ବାଚନ, ୨୦୨୫ରେ ଜନଗଣନାର ରିପୋର୍ଟ ୨୦୨୬ରେ ଆସିବା ପରେ ମୋଦୀଙ୍କ ପାଇଁ ଅଧିକ ସଙ୍କଟ ସୃଷ୍ଟି କରିବ । ବଙ୍ଗଳାଦେଶ ପରି ଭାରତରେ ଜାତି, ସଂରକ୍ଷଣ ନାମରେ ବିରୋଧୀ, ଜିହାଦିଗୋଷ୍ଠୀ ଗୃହଯୁଦ୍ଧ ଭଳି ସମସ୍ୟା ସୃଷ୍ଟି କରିପାରନ୍ତି । ତେଣୁ ଏବେଠୁ ସେମାନେ ସାରା ଦେଶରେ ସେହି ପ୍ଲଟର ରିହର୍ସାଲ କରୁଛନ୍ତି । କର୍ଣ୍ଣାଟକରେ କଂଗ୍ରେସ ସରକାର ପିଏଫଆଇ ସନ୍ତ୍ରାସବାଦୀଙ୍କୁ ଜେଲରୁ ଛାଡିଦେବା ବଙ୍ଗଳାଦେଶରେ ସନ୍ତ୍ରାସବାଦୀଙ୍କୁ ଜେଲରୁ ଛଡାଯିବା ପରି ଏକାକଥା । ମୋଦୀଙ୍କ ଶାସନକାଳରେ ବିରୋଧୀଦଳ ବିରୋଧ କରିବାକୁ ଯାଇ ଦେଶ ବିରୋଧୀ ସ୍ତରକୁ ଚାଲିଯାଇଛନ୍ତି । ତାମିଲନାଡୁ ନିଜ ଅପାରଗତା ଲୁଚାଇବାକୁ ଯାଇ ବାପ-ପୁଅ ମେ ଖ ପରି ବ୍ୟବହାର କଲାବେଳେ କେଲେଙ୍କାରୀରେ ବୁଡିଥିବା କେରଳ ସରକାର ସିଧା ନିଜକୁ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦେବାକୁ ପ୍ରୟାସ କରି ପାଗଳାମୀ ଦେଖାଇ ସାରିଛନ୍ତି । ପଞ୍ଜାବ ସରକାର ସନ୍ତ୍ରାସବାଦୀ ଖାଲିସ୍ଥାନୀଙ୍କ ସମର୍ଥନରେ ଶାସନକୁ ଆସିଲା ପରଠାରୁ ରାଜ୍ୟରେ ଖାଲିସ୍ଥାନୀମାନେ ସଭାସମିତି କରିବା, ପୋଷ୍ଟର ଲଗାଇ ପ୍ରଚାର କରିବା, ସନ୍ତ୍ରାସବାଦୀଙ୍କ ମୃତ୍ୟୁକୁ ସହିଦ ଦିବସ ଭଳି ପାଳନ କରିବାରେ ଲାଗିଛନ୍ତି । ଏସବୁ ସରକାରଙ୍କ ଜ୍ଞାନସାରରେ ହେଉଛି । ସେମିତି ଉ ର ପ୍ରଦେଶ, କର୍ଣ୍ଣାଟକ, ରାଜସ୍ଥାନ,ମହାରାଷ୍ଟ୍ର, କେରଳ, ତେଲେଙ୍ଗାନା, ପଶ୍ଚିମବଙ୍ଗ, ଆସାମ, ଝାଡଖଣ୍ଡରେ ଜିହାଦି ଗୋଷ୍ଠୀ ପ୍ରତିଦିନ ନୂଆ ନୂଆ ସଙ୍କଟ ସୃଷ୍ଟି କରିବାରେ ବ୍ୟସ୍ତ । ମୁଲ୍ଲା ମୌଲବୀମାନେ ଭାଷଣ ଆଳରେ ଜିହାଦି ରକ୍ତପାତ ପାଇଁ ଲୋକଙ୍କୁ ଉସକାଉଥିବାର ଅନେକ ଘଟଣାମାନ ପ୍ରତିଦିନ ଦୃଷ୍ଟିକୁ ଆସୁଛି । ମୁସଲିମମାନେ ଜୈନ-ବୌଦ୍ଧଙ୍କ ପରି ସଂଖ୍ୟାଲଘୁ ନହୋଇ ମଧ ସଂଖ୍ୟାଲଘୁ ମାନ୍ୟତା ପାଇ ସୁବିଧା ପାଉଛନ୍ତି, କୋଡିଏ ପ୍ରତିଶତ ଜନସଂଖ୍ୟା କେଉଁଠି ସଂଖ୍ୟାଲଘୁ ନୁହେଁ । ଏସବୁ ଅବ୍ୟବସ୍ଥା ଏବେ ମୋଦୀଙ୍କୁ ଆହ୍ୱାନ ଦେଉଛି ଏବଂ ଆଗାମୀ ଦିନରେ ଦେବ । ଆଇଏସ୍ ପରି ଗୋଷ୍ଠୀ ଦେଶରେ ମଜଭୁତ ହେବାଲାଗି ମେୱାତର ଜଙ୍ଗଲରେ ଷଡଯନ୍ତ୍ରରେ ବ୍ୟସ୍ତ । ଶିକ୍ଷିତ ଲୋକେ ସେମାନଙ୍କ ସହଯୋଗୀ, ସରକାରୀ କର୍ମଚାରୀ ମଧ ସେମାନଙ୍କ ନେଟ୍‌ୱାର୍କରେ ସାମିଲ ହୋଇଛନ୍ତି । ଗୋଟିଏ ପଟେ ମୋଦୀ ପିଏଲ୍‌ଆଇ, ମେଡ ଇନ୍ ଇଣ୍ଡିଆ କଥା କହୁଥିଲା ବେଳେ ଦେଶର ବ୍ୟବସାୟୀମାନେ ଚୀନମାଲକୁ ଷ୍ଟିକରମାରି ଲାଭ କମାଇବାରେ ବ୍ୟସ୍ତ । ସରକାରୀ କର୍ମଚାରୀ ଅଧିକରୁ ଅଧିକ ବେତନ, ଚାକିରୀପରି ସୁବିଧା ପାଇବାକୁ ଦାବିକଲା ବେଳେ ଚାକିରୀ କାଳରେ ଲୋକଙ୍କୁ ଲୁଟିବାରେ ବ୍ୟସ୍ତ, କଳାଟଙ୍କା ଜମା କରିବାରେ ବ୍ୟକ୍ତ । ଜମା, ଜମିର ପିଲାଙ୍କୁ ବିଦେଶରେ ପଢାଇବାକୁ ଚାହୁଁଥିବା ପରି ଗୋଷ୍ଠୀ, ସାଧାରଣର ସେବାପାଇଁ ଆଗ୍ରହୀ ନାହିଁ । ତେଣୁ ଯେତେ ଇଡି, ଭିଜିଲାନ୍ସ ଚଢାଉ ହେଲେ ବି ଏମାନେ ଦୁର୍ନୀତି ପାଇଁ ନିର୍ବିକାର, ନିଃସଙ୍କୋଚ, ବେଧଡକ । ଦେଶର ଏହି ଘୁଣଖିଆ ବ୍ୟବସ୍ଥା ମୋଦୀଙ୍କ ପାଇଁ ଆଜି ଆହ୍ୱାନ ହୋଇଛି, ଆଗାମୀ ଦିନରେ ମଧ ରହିବା

ସୀମାନ୍ତରେ ମଣିପୁରରେ ଆମେରିକା, ପାକିସ୍ଥାନ, ଚୀନ, ଇସ୍ରାଏଲ ପରି ରାଷ୍ଟ୍ରମାନଙ୍କ ସକ୍ରୀୟତା, ସେମାନଙ୍କ ପ୍ରତିନିଧିମାନଙ୍କ ଘନଘନ ଗସ୍ତ, ସେ ଅ ଳରେ ଅର୍ଥ ଓ ଅସ୍ତ୍ର ପାଇଁ ସହାୟତା, ସୀମାକୁ ଖୋଲା ରଖିବାକୁ ନାଗାଲାଣ୍ଡ ଓ ମିଜୋରାମର ଖ୍ରୀଷ୍ଟିଆନ ମୁଖ୍ୟମନ୍ତ୍ରୀଙ୍କ ଦାବୀ, ମ୍ୟାନମାର ସମସ୍ୟାପରେ ୫୦୦ ଖ୍ରୀଷ୍ଟିଆନ ଗ୍ରାମ ମଣିପୁର ମଧ୍ୟରେ ସୃଷ୍ଟିହେବା ଆଦି ମୋଦୀଙ୍କ ପ୍ରତି ଆହ୍ୱାନ ସୃଷ୍ଟି କରିଛି । ଭାରତ-ମ୍ୟାନମାର-ଥାଇଲାଣ୍ଡ-ଭିଏତନାମ ଆନ୍ତର୍ଜାତିକ ରାଜପଥ ଯେପରି ନହୋଇ ପାରିବ, ଭାରତ ଯେପରି ସଡକ ମାର୍ଗରେ ବାହାର ଦେଶକୁ ଯାଇନପାରିବ, ସେହି ଷଡଯନ୍ତ୍ରରେ ଅନେକ ରାଷ୍ଟ୍ର ସାମିଲ । ଭାରତର ବାର୍ଷିକ ଅଭିବୃଦ୍ଧି ହାର ୭ପ୍ରତିଶତରୁ ଅଧିକ ରହିବା ଯୋଗୁ ଏସିଆରେ ଆଉ ଏକ ଚୀନ ଯେପରି ସୃଷ୍ଟି ନହେଉ, ଆର୍ଥିକ ଶକ୍ତିରେ ଆମେରିକା ଆଗରେ ଛିଡା ନହେଉ, ସେଥିପାଇଁ ଆମେରିକା ଭାରତର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିବାରେ ବ୍ୟସ୍ତ । ତା' ନହୋଇଥିଲେ ଯୁଦ୍ଧର ଘନଘଟା ମଧ୍ୟରେ ସୁଲିଭାନ ଚୀନକୁ ଗସ୍ତ କରି ନଥାନ୍ତେ । ଭାରତକୁ ଅଟକାଇବା ଲାଗି ଆମେରିକା ଚୀନକୁ ମଧ ଆଗକୁ ଛାଡିପାରେ, ସୀମାନ୍ତରେ ଆକ୍ରମଣ କରିବାକୁ କହିପାରେ, ପାକିସ୍ଥାନ ଓ ବଙ୍ଗଳାଦେଶକୁ ଏଥିରେ ସାମିଲ କରିପାରେ । ସେଥିପାଇଁ କୁହାଯାଇଛି ଆମେରିକାର ଶତ୍ରୁ ହୋଇ ରହିବା ସହଜ, କିନ୍ତୁ ବନ୍ଧୁ ହୋଇ ରହିବା ତାଠାରୁ କଷ୍ଟକର । କାରଣ ଆମେରିକା ଦୋମୁଣ୍ଡିଆ ବିଷଧର ସର୍ପ ସଦୃଶ । ଭାରତରେ ଉ ଜନା, ରାଜନୈତିକ ଅସ୍ଥିରତା ସୃଷ୍ଟି କରିବାକୁ ଅନେକଗୁଡିଏ ଏନ୍‌ଜିଓ, ବିଶ୍ୱବିଦ୍ୟାଳୟ, ଗବେଷଣା ଅନୁଷ୍ଠାନକୁ ଆମେରିକା ସରକାର ଅର୍ଥ ପ୍ରଦାନ କରିସାରିଛି । ସେମାନଙ୍କ ଭିତରେ ଜିହାଦି, ଜାତିବାଦୀ, ଧର୍ମାନ୍ତରଣ କରୁଥିବା ଗୋଷ୍ଠୀସବୁ ରହିଛନ୍ତି । କିଏ ମାନବବାଦ, କିଏ ଗଣତନ୍ତ୍ର, କିଏ ମତବ୍ୟକ୍ତ କରିବାର ଅଧିକାର , କିଏ ଇସଲାମିକ ବ୍ରଦରହୁଡ ସୃଷ୍ଟ ଇସଲାମୋଫୋବିଆ କଥା କହି ରାଜରାସ୍ତାରେ ପ୍ରତିବାଦ କରୁଛନ୍ତି । ଏମାନେ ଆମେରିକାର ଭଡାଟିଆ ସେନାବାହିନୀ, ଭିନ୍ନ ଭିନ୍ନ ରୂପରେ କାର୍ଯ୍ୟରତ । ଏମାନେ ଛଦ୍ମବେଶୀ, ଧୂ ର୍ତ, କାଳନେମୀ, ସଇତାନ । ଏମାନଙ୍କ ପ୍ରତି ମୋଦୀ ଅଧିକ ସତର୍କ ରହିବାର ଆବଶ୍ୟକତା ରହିଛି । ମୋଦୀଙ୍କ ପାଇଁ ଆଗାମୀ ତିନିବର୍ଷ ବହୁ କଷ୍ଟକର ହେବ, ଯାହା ଦେଖିବାକୁ ବାକି ରହିଛି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*




# ମହାରାଜା କୃଷ୍ଣଚନ୍ଦ୍ର ଗଜପତି




**ଓ**ଡ଼ିଶା ମାଟିର ସୁଯୋଗ୍ୟ ସନ୍ତାନ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ। ତାଙ୍କ ନାମ ଅନୁସାରେ ଗଜପତି ଜିଲ୍ଲାର ନାମକରଣ ହୋଇଛି। ପ୍ରଥମ ବିଶ୍ୱଯୁଦ୍ଧରେ କ୍ୟାପେଟନ୍ ଦାୟିତ୍ୱ ତୁଲାଇଥିବା ଏହି ମହାନ ପୁରୁଷଙ୍କ ଓଡ଼ିଶା ଏବଂ ଓଡ଼ିଆ ଭାଷା ପ୍ରତି ଅତୁଟ ପ୍ରେମ ରହିଥିଲା। ଓଡ଼ିଆ ଭାଷା ସାହିତ୍ୟ, କଳା, ସଂସ୍କୃତି, କ୍ରୀଡ଼ା, ଅଶ୍ୱରୋହଣ ପ୍ରତି ତାଙ୍କର ରହିଥିଲା ଅହେତୁକ ଆଗ୍ରହ। ଗୋପବନ୍ଧୁ, ମଧୁସୂଦନ, ଫକୀରମୋହନ ଆଦିଙ୍କ ସହ ହାତ ମିଳାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ରାଜା କୃଷ୍ଣଚନ୍ଦ୍ର ଗଜପତି ଅଶେଷ ଯାଗଦାନ ଦେଇଥିଲେ। ଉତ୍କଳ ସମ୍ମିଳନୀର ସଦସ୍ୟ ଭାବେ ୧୯୩୦ ନଭେମ୍ବର ୧୬ ତାରିଖରେ ଲଣ୍ଡନରେ ଆୟୋଜିତ ଗୋଲ୍ ଟେବୁଲ ବୈଠକରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସେ ଇଂରେଜ ସରକାରଙ୍କ ସମ୍ମୁଖରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ତାଙ୍କରି ଏହି ପ୍ରସ୍ତାବ ବାସ୍ତବ ରୂପ ନେଇଥିଲା। ୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ଆମ ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ହେବାର ଗୌରବ ଲାଭ କଲା। ସେ ସ୍ୱତନ୍ତ୍ର ଉତ୍କଳର ପ୍ରଥମ ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କଲେ। ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ ବଡ଼ମେଡ଼ିକାଲ, କଟକ ବିଦ୍ୟାଧରପୁର ଠାରେ ଧାନ ଗବେଷଣା କେନ୍ଦ୍ର ଆଦି ଅନୁଷ୍ଠାନ ସମେତ ବହୁ ଶିକ୍ଷାନୁଷ୍ଠାନ, ଶିଳ୍ପକେନ୍ଦ୍ର, ଡାକ୍ତରଖାନା ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ତାଙ୍କରି ଯୋଗୁଁ ଦକ୍ଷିଣ ଓଡ଼ିଶାରେ କୃଷି ଏବଂ ଜଳସେଚନ ବ୍ୟବସ୍ଥାର ବ୍ୟାପକ ବିକାଶ ହୋଇପାରିଥିଲା। ଗଞ୍ଜାମ ଜିଲ୍ଲା ଓଡ଼ିଶାର ଭାତ ହାଣ୍ଡି ରୂପେ ପରିଚିତ ହୋଇପାରିଥିଲା। ଦେଶ ବିଦେଶରୁ ବହୁ ଉପାଧି ପ୍ରାପ୍ତ କରିଥିବା ରାଜା କୃଷ୍ଣଚନ୍ଦ୍ର ଗଜପତି ଇଂଲଣ୍ଡ ସରକାରଙ୍କ ଠାରୁ ସମ୍ମାନଜନକ ନାଇଟହୁଡ୍ ଉପାଧିରେ ସମ୍ମାନିତ ହୋଇଥିଲେ। ଭାରତୀୟ ସମ୍ବିଧାନ ପ୍ରଣୟନରେ ମଧ୍ୟ ତାଙ୍କର ଯୋଗଦାନ ରହିଥିଲା। ଓଡ଼ିଶା ମାଟିର ଏହି ବରପୁତ୍ର ୧୮୯୨ ମସିହା ଏପ୍ରିଲ ୨୬ ତାରିଖରେ ପାରଳାଖେମୁଣ୍ଡି ରାଜ ପରିବାରରେ ଜନ୍ମ ଗ୍ରହଣ କରିଥିଲେ।

## ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ବସ୍ତା ବ୍ଲକ ଅମରର୍ଦାରୋଡ ନଟକଟା ପଞ୍ଚାୟତର ହଦମୌଦ ଗ୍ରାମର ଦୁର୍ଗାପୂଜା ପଡ଼ିଆ ଠାରେ ନୂତନ ଭାବେ ନିର୍ମାଣ କରାଯାଇଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ଓ ନୂତନ ବିଗ୍ରହ ସ୍ଥାପନ ଉତ୍ସବ ଗତ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ହଦମୌଦ ଗ୍ରାମର ମହିଳା ଓ ପୁରୁଷଙ୍କ ଦ୍ୱାରା କଳଶ ସୋଭା ଯାତ୍ରା ବାହାରି ପବିତ୍ର ପୋଖରୀରୁ ଘଟଉତ୍ତୋଳନ କରାଯାଇ ଯଜ୍ଞ ସ୍ଥଳକୁ କଳଶ ନିଆଯାଇଥିଲା। ମୁଖ୍ୟ ପୂଜକ ଲକ୍ଷ୍ମୀକାନ୍ତ ସତପଥୀ, ମଦନ ମୋହନ ମିଶ୍ର, ସୁରେଶ ଚନ୍ଦ୍ର ମିଶ୍ର, ରବି ନାରାୟଣ ସତପଥୀ ଓ ଦିଗବିଜୟ ନନ୍ଦଙ୍କ ଦ୍ୱାରା ପୂଜା ବିଗ୍ରହ ସ୍ଥାପନ ଏବଂ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ବାନପ୍ରସ୍ତଙ୍କ ଦ୍ୱାରା ଯଜ୍ଞ ପରିଚାଳନା କରାଯାଇଥିବା ବେଳେ ରତ୍ନମୁଦି କାର୍ଯ୍ୟକ୍ରମ ବିନୋଦ ବିହାରୀ ପୁରୀଙ୍କ ଦ୍ୱରା ସମାପନ କରାଯାଇଥିଲା। ହରପ୍ରିୟା ପୁରୀ ଓ ରଞ୍ଜିତ ପୁରୀ ସଂକଳ୍ପରେ ବସିଥିବା ବେଳେ ମନ୍ଦିର କମିଟି ହରି ଚଣ୍ଡ, ଦିନକୃଷ୍ଣ ଦତ୍ତ, ରଞ୍ଜନ କୁମାର ଭଦ୍ର ଓ ଗ୍ରାମବାସୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବରେ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇ ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସେବନ କରିଥିଲେ।

## ଲୋକନାଥ ଦେବଙ୍କ ତ୍ରୟୋଦଶ ବିଶ୍ୱଶାନ୍ତି ମହାଯଜ୍ଞ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ନିକଟସ୍ଥ ପଣ୍ଡାଳମ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲୋକନାଥ ଦେବଙ୍କ ତ୍ରୟୋଦଶ ବିଶ୍ୱଶାଂ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ଚାରି ଦିନ ଧରି ଚାଲିବା ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନରୁ ବୈଦିକ ରିତିନୀତି ଅନୁଯାୟୀ କଳସ ସ୍ଥାପନ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହ ଲୋକନାଥ ଦେବ ଯୁବ ନାଟ୍ୟ ସଂସଦ ପକ୍ଷରୁ ''ଦୌପଦୀ ଲେଖୁଛି ମହାଭାରତ'' ନାଟକ ମଂଚସ୍ଥ ହୋଇଥିଲା।

# ଓଟିଭି ପାଲଟିଛି ସାମ୍ପ୍ରତିକ ସମାଜର ମାଦଳା ପାଞ୍ଜି

ବାଲେଶ୍ୱର (ପିଏନ୍)-ଓଡ଼ିଆ ଟେଲିଭିଜନ ଇତିମଧ୍ୟରେ ଏହା ରୌପ୍ୟ ଜୟନ୍ତୀ ଅର୍ଥାତ ୨୫ ବର୍ଷ ପୁରଣ କରିସାରିଛି। ପ୍ରବାଦପୁରୁଷ ତଥା ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ମହାପ୍ରୟାଣର ସିଧା ପ୍ରସାରଣ କରି ପୁରୀରୁ ନିଜର ଜୟଯାତ୍ରା ଆରମ୍ଭ କରିଥିବା ଓଟିଭି ଅନେକ ଘାତ ପ୍ରତିଘାତ ଦେଇ ଇତି ମଧ୍ୟରେ ୨୫ ବର୍ଷ ଅତିକ୍ରମ କରିଛି। ଓଡ଼ିଶା ତଥା ସର୍ବ ଭାରତୀୟ କ୍ଷେତ୍ରରେ ଘଟୁଥିବା ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଚିତ୍ରକୁ ଜନ ମାନସରେ ପ୍ରକାଶ କରିବାର ଗୁରୁ ଦାୟିତ୍ୱ ନେଇଛି ଓଟିଭି। ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସୁସାହିତ୍ୟକ ରାଜନେତା ପ୍ରଫୁଲ୍ଲ କରଙ୍କର ଦେହାବସାନର ସ୍ୱର୍ଗଦ୍ୱାର ଯାତ୍ରା ସିଧା ପ୍ରସାରଣର ସୁଯୋଗ ମଧ୍ୟ ନେଇଛି ଓଟିଭି। ଜଗନ୍ନାଥ ମହାପ୍ରଭୁଙ୍କର ମନ୍ଦିର ରେ ଦୈନନ୍ଦିନ ଘଟଣା ପୁରୀକୁ ଲିପିବଦ୍ଧ କରୁଥିବା ମାଦଳା ପାଞ୍ଜି କରି ସାମ୍ପ୍ରତିକ ଘଟଣାବଳିକୁ ଲୋକଲୋଚନକୁ ଆଣିବାର ପ୍ରମୁଖ ଭୂମିକା ନେଇଛି ଓଟିଭି। ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ପରମିଟ ପଡ଼ିଆ ସଲଗ୍ନ ଆତିଥ୍ୟ ସଭାଗୃହରେ ଅପରାହ୍ନ ୩ ଘଣ୍ଟିକାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଏପ୍ରିଲ ୧୭ରେ ଏହାର ସନକ୍ଷେତ୍ର ଉତ୍ସବ ଜିଲ୍ଲା ପ୍ରତିନିଧି ରଶ୍ମିରଞ୍ଜନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଳେଶ୍ୱର ପ୍ରତିନିଧି ଅଜିତ୍ ଦାସ, ବାଲେଶ୍ୱର ପ୍ରତିନିଧି ରଞ୍ଜିତ ପାକଳ, ନୀଳଗିରିର ବିଶ୍ୱମ୍ଭର ଦାସ, ସୋର ପ୍ରତିନିଧି, ମୟୁରଭଞ୍ଜ ପ୍ରତିନିଧି ମାଣିକଲାଲ ପାଣୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କବି ପ୍ରଶାନ୍ତ ଦାସ, ଆଡ଼ଭୋକେଟ କାହ୍ନୁ ଚରଣ ବେହେରା, ଅବସର ପ୍ରାପ୍ତ ଏସପି ସନ୍ତୋଶ ନାୟକ,ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି, ଡାକ୍ତର ସାନ୍ତନୁ ଦାସ, ବିକ୍ରମ ପଣ୍ଡା, ଉପେନ୍ଦ୍ର ପାତ୍ର, କାଞ୍ଚନବାଳା ପାତ୍ର ପ୍ରମୁଖ ଏଥିରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ କେକ୍ କଟାଯାଇଥିଲା ଏବଂ ଯୁବ ସଂଗୀତ କଣ୍ଠଶିଳ୍ପି ସୁଜିତ ଭୋଇ ଓ ରିନାରାଣୀ ମିଶ୍ର ପ୍ରମୁଖଙ୍କ ସଂଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ହୁଇଲ ଚେୟାର ପ୍ରଦାନ



ଯୋଡା (ପିଏନ୍): ଖଣି ଅଞ୍ଚଳର ସୁନାମଧନ୍ୟ ସ୍ୱେଚ୍ଛାସେବୀ ସଂସ୍ଥା ଆସ୍ଥା ଗ୍ରୁପ ବଡବିଲ ଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ମହିଳାମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଛି । ଏହି ଗ୍ରୁପ ତରଫରୁ ବଡବିଲ ସିଏଚସିକୁ ଏକ ହୁଇଲ ଚେୟାର ଶାରିରୀକ ବିକଳାଙ୍ଗ ରୋଗୀମାନଙ୍କ ବ୍ୟବହାର ନିମନ୍ତେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି । ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ଡଃ ଏସ.ସାମଲ,ଡଃ ସିମରନ ପ୍ରଧାନଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ । ଆସ୍ଥା ଗ୍ରୁପ ଅଧକ୍ଷା ଗୌରୀ ମହାପାତ୍ର,ଜୀନତ ରକିମ,କାକୋଲି ଷଡଙ୍ଗୀ,ପୂଜା ଅଗ୍ରୱାଲ,ସସ୍ମିତା ମହାଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଏହି ହୁଇଲ ଚେୟାର ପ୍ରଦାନ କରିଥିଲେ । ଆସ୍ଥା ଗ୍ରୁପର ଏପରି ସାମାଜିକ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିବ ବୋଲି ଏହି ଅବସରରେ କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲେ ।

# ପଣ୍ଡିତ ବାଇଧର ଦାଶ ସ୍ମୃତି ସଂସଦ ପକ୍ଷରୁ ସ୍ମୃତି ସୌରଭ ପୁସ୍ତକ ଉନ୍ମୋଚିତ

ଯାଜପୁର (ପିଏନ୍): ଯାଜପୁର ଟାଉନ ସ୍ଥିତ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ପଣ୍ଡିତ ବାଇଧର ଦାଶ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ମୃତି ସଭା ଓ ସ୍ମୃତି ସୌରଭ ପତ୍ରିକାର ଲୋକାର୍ପଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଯାଜପୁର ପୌରପାଳିକାର ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ ଓ ଉଦ୍‌ଘାଟକ ଭାବେ ବିରଜା ସେବାୟତ ପରିଷଦର ସଭାପତି ଦେବୀପ୍ରସାଦ ପାଣି ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠି, ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ଜୟନ୍ତ ଗୋସ୍ୱାମୀ, ସମ୍ମାନନୀୟ ଅତିଥି ଭାବେ ଯାଜପୁର ପ୍ରେସ୍ କ୍ଲବ ସଭାପତି ରାଜୀବ ମହାନ୍ତି ଓ ପଣ୍ଡିତ ବାଇଧର ଦାଶଙ୍କ ସୁଯୋଗ୍ୟ ନାତି ଆଦିତ୍ୟ ଦାଶଙ୍କୁ ଅନୁଷ୍ଠାନର ସମ୍ପାଦକ ତଥା ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରହର ସ୍ୱାଇଁ ଅତିଥିମାନଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମା’ବିରଜା, ଅଭିରାମ ପରମହଂସ ଓ ପଣ୍ଡିତ ବାଇଧର ଦାଶଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ପରେ ଅତିଥି ମାନେ ପଣ୍ଡିତ ବାଇଧର ଦାଶଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପୂଜ୍ୟପାଦ ପୂର୍ଣ୍ଣାତ୍ମା ପଣ୍ଡିତ ବାଇଧର ଦାଶଙ୍କ ପବିତ୍ର ସ୍ମୃତିରେ ପ୍ରତିବର୍ଷ ଜଣେ ଯୋଗ୍ୟ ପଣ୍ଡିତଙ୍କୁ ପଣ୍ଡିତ ବାଇଧର ଦାଶ ସମ୍ମାନରେ ସମ୍ମାନିତ କରାଯିବର କାର୍ଯ୍ୟକ୍ରମ ରହିଅଛି। ଅନୁଷ୍ଠାନର ନିଷ୍ପତି ଅନୁଯାୟୀ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ମହାଗୁରୁ ଉପାଧି, ବିରଜା ରତ୍ନ ରାଜ୍ୟପାଳ ପୁରସ୍କାର ଭଳି ବହୁ ଅନୁଷ୍ଠାନରୁ ବିବେଚିତ ହୋଇଥିବା ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କୁ ମୁଖ୍ୟ ଅତିଥି ସନ୍ତୋଷ କୁମାର ମଲ୍ଲିକ ସମ୍ମାନିତ କରିଛନ୍ତି। ବିରଜା ସେବାୟତ ପରିଷଦ ପଣ୍ଡିତ ଓ ଅନ୍ୱେଷଣ ଥିଏଟର ଗ୍ରୁପ ସଦସ୍ୟ ଓ ସଦସ୍ୟା ମାନଙ୍କୁ ପକ୍ଷରୁ ତାଙ୍କ ସୁଯୋଗ୍ୟ ନାତି ଆଦିତ୍ୟ ଦାସଙ୍କୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ବାଇଧର ଦାଶଙ୍କ ସମ୍ପର୍କରେ ଆଧାପକ ରଂଜିତ ସିଂ, ଡକ୍ଟର ରବି ରାଉତରାୟ, ସାହିତ୍ୟିକ ନଟବର ଦାସ, ବୃନ୍ଦାବନ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଛନ୍ତି। ସ୍ମୃତି ସୌରଭରେ ପଣ୍ଡିତ ବାଇଧର ଦାସଙ୍କ ସମ୍ପର୍କରେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ନାତି ଆଦିତ୍ୟ ଦାସ, ସାମ୍ବାଦିକ ହରିହର ସ୍ୱାଇଁ, ଅଧାପିକା ବିଜୟିନୀ ପାଜିକା ସାମଲ, ଅମୂଲ୍ୟ କୁମାର ମିଶ୍ର, ପୁଟୁରା ବଳରାମ, ଝିଅାରି ଟୁନିଆ ଲେଖିଥିବା ବେଳେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ତାଙ୍କ ସମ୍ପର୍କରେ ବାର୍ତ୍ତା ଦେଇଛନ୍ତି। ସଂସଦ ପକ୍ଷରୁ ଏକ ଆଧାତ୍ମିକ ଚ୍ୟାନେଲ ଅଭିନ୍ନ ନିୟୁଜ କୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠି ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ବାଇଧର ଦାଶଙ୍କୁ ଭଲ ପାଉଥିବା ଗୁଣି ବ୍ୟକ୍ତିତ୍ୱ ଓ ପରିବାର ବର୍ଗ ଓ ଶୁଭେଚ୍ଛୁ ଯୋଗଦେଇଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସାମାଜିକ ସନ୍ତୁଳନ ପାଇଁ ବ୍ୟଙ୍ଗ କଟାକ୍ଷ ଲୋଡ଼ା

ଖୋର୍ଦ୍ଧା (ପିଏନ୍): ହାସ୍ୟରସ ବା କଟାକ୍ଷ ହେଉଛି ଆମ ସାହିତ୍ୟର ବଡ଼ ଅଙ୍ଗ। ଏହା ମାଧ୍ୟମରେ ସମାଜର ବିଭିନ୍ନ ତ୍ରୁଟି ବିଚ୍ୟୁତିକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ବ୍ୟଙ୍ଗ କଥାକାର ତଥା ନାଚୁଣୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ନାୟକଙ୍କ ରମ୍ୟଗଳ୍ପ ସଂକଳନ ‘କାଙ୍ଗାଳୀ ଗୁରୁ’ ଲୋକାର୍ପିତ ହୋଇଯାଇଛି। ପବିତ୍ର ଶ୍ରୀରାମ ନବମୀ ଅବସରରେ ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ଆମରିସତ୍ୟ ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ସଂଭାଷଣ ଦେଇ ପୁସ୍ତକର ଲେଖକ ଡ. ନାୟକ କହିଥିଲେ ଯେ, ସ୍କୁଲରେ ପଢିବାବେଳୁ ସେ ଲେଖାଲେଖି ଆରଂଭ କରିଛନ୍ତି। ସମାଜକୁ ଉଚିତ ମାର୍ଗଦର୍ଶନ ପାଇଁ ନାଟକ ତଥା ବ୍ୟଙ୍ଗ ମାଧ୍ୟମରେ ପ୍ରୟାସ କରିଆସିଛନ୍ତି। କାଙ୍ଗାଳୀ ଗୁରୁ ଗଳ୍ପଟି ପ୍ରଥମେ ୨୦୦୯ ମସିହାରେ ପ୍ରାଣନାଥ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ ‘ପ୍ରତୀକ’ରେ ପ୍ରକାଶ ପାଇଁ ଆଦୃତି ଲାଭ କରିଥିଲା। ତେଣୁ ଏହି ନାମରେ ପୁସ୍ତକର ନାମକରଣ କରାଯାଇଥିବାବେଳେ କାଙ୍ଗାଳୀ ବାବା ସମେତ ସମୁଦାୟ ୧୫ଟି ଗପ ଏଥିରେ ସନ୍ନିବେଶିତ କରାଯାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଧାୟକ ଜିତୁ ମିତ୍ର ଯୋଗଦେଇ ପୁସ୍ତକଟି ବିପଥଗାମୀ ସମାଜକୁ ସୁଧାରିବାରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। ଐତିହାସିକ ସତ୍ୟବାଦୀ ବଳିଆରସିଂହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବୀରବଲ, ଯଦୁମଣି, ଗୋପାଳ ଭାଣ୍ଡ ପ୍ରମୁଖଙ୍କ ଉଦାହରଣ ଦେଇ ଛୋଟ ଛୋଟ କାହାଣୀର ଅବତାରଣା କରିଥିଲେ, ଯାହାକି ହାସ୍ୟରୋଳ ସୃଷ୍ଟି କରିଥିଲା। ରାଜନୈତିକ ତଥା ସମାଜିକ ବ୍ୟବସ୍ଥା ପ୍ରତି କଟାକ୍ଷ ହେଲେ ତୋଷାମୋଦକାରୀଙ୍କ ନ୍ୟସ୍ତ ସ୍ୱାର୍ଥରେ ଅଙ୍କୁଶ ଲାଗିବା ସହ ସାମାଜିକ ସନ୍ତୁଳନ ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କ୍ଷୀରୋଦ ପ୍ରସାଦ ମହାନ୍ତି କହିଥିଲେ ଯେ, ଡ. ନାୟକ ପ୍ରାଣନାଥ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଥିବାବେଳେ ତାଙ୍କର ପ୍ରଥମ ବ୍ୟଙ୍ଗପୁସ୍ତକ ‘ମଖନବାଜି’ ଲେଖି ଉଚ୍ଚପ୍ରଶଂସିତ ହୋଇଥିଲେ। ସଂପ୍ରତି ‘କାଙ୍ଗାଳୀ ଗୁରୁ’ ପୁସ୍ତକ ସେହିଭଳି ପାଠକୀୟ ଆଦୃତି ଲାଭ କରିବ ବୋଲି ସେ ଆଶାପ୍ରକଟ କରିଥିଲେ। ବରେଣ୍ୟ ଅତିଥି ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ଡ. ବିଭୂତି ଭୂଷଣ ମିଶ୍ର ପୁସ୍ତକର ଅନୁଶୀଳନ ପୂର୍ବକ କହିଥିଲେ ଯେ, ବିଜ୍ଞାନଭିତ୍ତିକ ଲେଖା ଅପେକ୍ଷା ରମ୍ୟ ରଚନା କଷ୍ଟକର। ଚରିତ୍ର ଭିତରେ ପଶିଲେ ଯାଇ ଲେଖିପାରିବେ, ଯାହା ଡ. ନାୟକ କରିଛନ୍ତି। ସମ୍ମାନିତ ଅତିଥି ବିଶିଷ୍ଟ କଥାକାର ଡ. ପଦ୍ମଜ ପାଳ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଲେଖକ ସମାଜ ପ୍ରତି ସଚେତନ ରହି ନିଜକୁ ଉନ୍ମୁକ୍ତ କଲେ ଲେଖା ବଳଶାଳୀ ହୁଏ। ଅନ୍ୟତମ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ତଥା ସାହିତ୍ୟିକ ଡ. ଶରଚ୍ଚନ୍ଦ୍ର ମହାପାତ୍ର ପ୍ରାଚ୍ୟ ଓ ପାଶ୍ଚାତ୍ୟର ବ୍ୟଙ୍ଗସାହିତ୍ୟ ସଂପର୍କରେ ତୁଳନାତ୍ମକ ବିଶ୍ଳେଷଣ କରିଥିଲେ। ଅବସରପ୍ରାପ୍ତ ମୁଖ୍ୟ ବନ ସରଂକ୍ଷକ ତଥା ପ୍ରାବନ୍ଧିକ ବିଜୟ କେତନ ପଟ୍ଟନାୟକ ନିଜର ସଂକ୍ଷିପ୍ତ ଭାଷଣରେ ସାମାନ୍ୟ କଟାକ୍ଷ ଓ ଶାଣିତ କଟାକ୍ଷ ସଂପର୍କରେ ବିଶ୍ଳେଷଣ କରିଥିଲେ। ଆବାହକ ଡ. ପ୍ରମୋଦ ଚନ୍ଦ୍ର ଦାଶ ପୁସ୍ତକରେ ସ୍ଥାନ ପାଇଥିବା ବିଭିନ୍ନ ଗପ କାଙ୍ଗାଳୀ ଗୁରୁ, ଆଉ ଜଣେ ଠେଙ୍ଗୁ ଦାସ, ପଞ୍ଚୁ ସପକ୍ଷରେ, ଅତିଭକ୍ତି, ଧଣ୍ଡବୁଢା,ବାନା ସାର, ବାୟା ସାର୍, ପିତା ଓ ପୁତ୍ର, ଅନେଶତ ବ୍ରତ, ମାରନା ସେ ମଲାଣି, ନିରୁଦ୍ଦିଷ୍ଟ କଲମ, ସାଆନ୍ତଙ୍କ ଗଳ୍ପ: ଗୋପପୁର, ଅଜାଙ୍କ ଗଳ୍ପ: ବ୍ରହ୍ମରାକ୍ଷସ, ବୋଉର ଗଳ୍ପ: କିଏରେ କିଏରେ, ବଡ଼ ପିଉସୀ, ସୀନ ପିଉସୀ ଆଦିର ସମୀକ୍ଷା କରିଥିଲେ। ଖୋର୍ଦ୍ଧା, ଭୁବନେଶ୍ୱର, ଜଟଣୀ, ବାଣପୁର, ବାଙ୍କୀ ତଥା ବିଭିନ୍ନ ଅଂଚଳରୁ ଆସିଥିବା କବି, ସାହିତ୍ୟିକ ତଥା ବୁଦ୍ଧିଜୀବୀମାନଙ୍କୁ ଲେଖକ ଡ. ନାୟକ ପୁସ୍ତକ ଉପହାର ଦେଇଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଶିକ୍ଷାବିତ୍ ଭୀମସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବାବେଳେ ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମାଜସେବୀ ଦୀନେଶ ଚନ୍ଦ୍ରଙ୍କ ସ୍ମୃତିରେ ରକ୍ତଦାନ ଶିବିର

ଖୋର୍ଦ୍ଧା (ପିଏନ)- ସମାଜସେବୀ ୰ ଦୀନେଶ ଚନ୍ଦ୍ର ମହାପାତ୍ରଙ୍କ ଏକାଦଶାହ ପାଳନ ଅବସରରେ ତାଙ୍କ ସ୍ମୃତିରେ ସ୍ଥାନୀୟ ନନ୍ଦିଘୋଷ ଭବନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରର ପ୍ରାରମ୍ଭରେ କାର୍ଯ୍ୟକ୍ରମ ଆବାହକ ସମାଜସେବୀ ମାୟାଧର ବରାଡ଼ ଉପସ୍ଥିତ ଅତିଥି ଓ ରକ୍ତଦାତାମାନଙ୍କୁ ସ୍ୱାଗତ କରିଥିଲେ। ପରେ ଦିବଂଗତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପରମାନନ୍ଦ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ବିଶିଷ୍ଟ ପରିବେଶ ବିଜ୍ଞାନୀ ପ୍ରଫେସର ଡ଼ଃ. ସୁନନ୍ଦ ଚନ୍ଦ୍ର ପ୍ରଧାନ, କବୟିତ୍ରୀ ଉଷା ମିଶ୍ର, ପୂର୍ବତନ ଅଧକ୍ଷ ରବୀନ୍ଦ୍ରନାଥ ମହାଁ, ପ୍ରାଧାପକ କର୍ମୋଦୟ ଛୋଟରାୟ, ଅଧାପକ ରଙ୍ଗନାଥ ମହାରଣା, ସମାଜସେବୀ ଶ୍ରୀନିବାସ ଛୋଟରାୟ, ସୟ କୁମାର ସୁବୁଦ୍ଧି, ସତ୍ୟବ୍ରତ ମହାପାତ୍ର, ରବିନାରାୟଣ ଦତ, ସଂୋଷ କୁମାର ବୈରୀଗନ, ବୈଦ୍ୟନାଥ ହୋତା, ସୟ ପଟ୍ଟନାୟକ ଓ ମୁନା ପରିଡ଼ା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ରକ୍ତଭଣ୍ଡାରର ଡ଼ାକ୍ତର ଡ଼ା. ବର୍ଷାବୈଶାଖୀ ପଣ୍ଡା, ଲ୍ୟାବ୍ ଟେକ୍ନେସିୟାନ୍ ଅରୁଣ କୁମାର ସାହୁ ଓ ବିଚିସ୍ମିତା ପୁହାଣ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିଲେ।

## ଶାକାହାରୀ ରଙ୍ଗଣୀ ସମାଜ ପକ୍ଷରୁ ରକ୍ତଦାନ ଶିବିର

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ନହଙ୍ଗାପାଟଣା ହାଇସ୍କୁଲଠାରେ ନିଖିଳ ଉତ୍କଳ ଶାକାହାରୀ ରଙ୍ଗଣୀ ସମାଜ ଯାଜପୁର ଶାଖାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଜୟ କୁମାର ସାହୁ ଓ ସଂପାଦକ ଶ୍ରୀଧର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରକ୍ତଦାନ ଶିବିରକୁ ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନା ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲ୍ଲିକ, ସରପଂଚ ନିମାଇଁ ମଲିକ, ବିଜେଡି ନିର୍ବାଚନ ମଣ୍ଡଳୀ ସଭାପତି ତଥା ଅନୁଷ୍ଠାନର ଉପଦେଷ୍ଟା ଜଳଧର ସାହୁ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ସମାଜସେବୀ ରତ୍ନାକର ସାହୁ, ସୁଧାଂଶୁ ସାହୁ, ଗଗନ ସାହୁଙ୍କ ସମେତ ସମସ୍ତ କାର୍ଯ୍ୟକାରୀ ସଭ୍ୟମାନେ ଉପସ୍ଥିତ ଥିଲେ । ଏହି ରକ୍ତଦାନ ଶିବିରରେ ୪୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ଗୋପାଳନ ନିମନ୍ତେ ତାଲିମ ଶିବିର ଉଦ୍‌ଯାପିତ



ଧର୍ମଶାଳା (ପିଏନ୍): ଜାରକାଠାରେ ଧର୍ମଶାଳା ପ୍ରାଣୀସଂପଦ ବିଭାଗ ପକ୍ଷରୁ ଗୋପାଳନ ନିମନ୍ତେ ମହିଳା ଚାଷୀମାନଙ୍କୁ ନେଇ ଦୁଇଦିନିଆ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଧର୍ମଶାଳା ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ଡା. ରଂଜନ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତାଲିମ ଶିବିରରେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଚନ୍ଦ୍ରଭାନୁ ମହାନ୍ତି ଅତିଥି ଭାବେ ଯୋଗଦେଇ ଗୋପାଳନ ଯୋଜନା ଗୁଡିକ ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁବାସ ଚନ୍ଦ୍ର ଜେନା, ଡା. ନିବେଦିତା ସାହୁ, ଡା. ଦିପ୍ତିମୟୀ ସାହୁ ଗୁହାଳ, ଖାଦ୍ୟ ଓ ରୋଗ ନିରାକରଣ ଉପରେ ଆଲୋକପାତ କରିଥିଲେ। ମହିଳାମାନେ ଏହି ଗୋପାଳନ କାର୍ଯ୍ୟକରି ନିଜେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମତ ପ୍ରକାଶ ପାଇଥିଲା। ପ୍ରାଣୀ ସଂପଦ ବିଭାଗ କର୍ମଚାରୀ ପ୍ରଫୁଲ୍ଲ କୁମାର ମହାଁ, ଶ୍ରୀନିବାସ ଧଳ, ସର୍ବେଶ୍ୱର ଶତପଥୀ, ଦାଶରଥୀ ମଲିକ, ବ୍ରଜ କିଶୋର ଖିଲାର, ଅମୂଲ୍ୟ କୁମାର ସ୍ୱାଇଁ ଶିବିରକୁ ପରିଚାଳନା କରିଥିଲେ। ଏହି ଅବସରରେ ସାରୋଇ ଗ୍ରାମର ଅନୁସୟା ନାୟକ, ମଙ୍ଗରାଜପୁରର ଉର୍ମିଳା ଖଟୁଆ, ସୁନ୍ଦରିଆ ଗ୍ରାମର ସଂଘମିତ୍ରା ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। କର୍ମଚାରୀ ଯତୀନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବିଧାୟକଙ୍କ ଧର୍ମଶାଳା ମହିଳା କଲେଜ୍ ସ୍ମାର୍ଟ କ୍ଲାସ୍‌ରୁମ୍ ପରିଦର୍ଶନ



ଧର୍ମଶାଳା (ପିଏନ୍): ଧର୍ମଶାଳା ମହିଳା ମହାବିଦ୍ୟାଳୟ ୫-ଟି ଅଧିନରେ ରହିଥିବା ବେଳେ ଏହାର ବିକାଶ ସହ ନବନିର୍ମିତ ସ୍ମାର୍ଟକ୍ଲାସ ଗୃହକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ଉନ୍ନତିକରଣ ଦିଗରେ ପ୍ରସ୍ତାବ ଦେଇ ଏହାର ସୁରକ୍ଷା ଓ ପରିସର ସୌନ୍ଦର୍ଯ୍ୟକରଣ ଉପରେ ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ସହ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ବିଭାଗୀୟ ଇଂ ରତ୍ନାକର ସାହୁ, କ୍ଷୀତିଶ ନାୟକ, ସୁଶାନ୍ତ କୁମାର ନାୟକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Friday August 30 2024 ଭୁବନେଶ୍ୱର ଶୁକ୍ରବାର, ଅଗଷ୍ଟ ୩୦,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# କିଟ୍ ଓ କିସ୍ ପକ୍ଷରୁ ରାଷ୍ଟ୍ରୀୟ କ୍ରୀଡ଼ା ଦିବସ ପାଳିତ



ଭୁବନେଶ୍ୱର, (ପି.ଏନ): କିଟ୍ ଓ କିସ୍ ପକ୍ଷରୁ ରାଷ୍ଟ୍ରୀୟ କ୍ରୀଡ଼ା ଦିବସ ଗୁରୁବାର ପାଳିତ ହୋଇଯାଇଛି । ଭାରତୀୟ ହକିର କିମ୍ବଦନ୍ତୀ ପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଛାତ୍ରଛାତ୍ରୀଙ୍କୁ ଆଜିର ଦିନର ମହତ୍ତ୍ୱ ସମ୍ପର୍କରେ କହିବାକୁ ଯାଇ ସେ କହିଲେ, ରାଷ୍ଟ୍ରୀୟ କ୍ରୀଡ଼ା ଦିବସ ଅବସରରେ ପ୍ରତ୍ୟେକ ଖେଳ ଓ ଖେଳାଳିଙ୍କୁ ସମ୍ମାନ ଦିଆଯାଇଥାଏ । କିଟ୍ ଓ କିସ୍ ଦୀର୍ଘ ୩ ଦଶନ୍ଧି ଧରି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ଦିଗରେ କାର୍ଯ୍ୟ କରିଆସୁଛି । ୨୦୨୮ ଅଲିମ୍ପିକ୍‌ସରେ କିଟ୍ ଓ କିସ୍‌ରୁ ଅଧିକ ଖେଳାଳି ଯେଭଳି ବାହାରି ପାରିବେ ସେ ନେଇ ଶ୍ରୀ ସାମନ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହା ସହିତ ଭଲ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ଅନ୍ତର୍ଜାତୀୟ ମାନର ସୁବିଧା ଯୋଗାଇ ଦିଆଯିବ ବୋଲି ଶ୍ରୀ ସାମନ୍ତ କହିଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ଓ କିସ୍ କ୍ରୀଡ଼ା ଉପଦେଷ୍ଟା ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ କ୍ରୀଡ଼ା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ସ୍ୱାଗତ ଭାଷଣ ଦେଇ କିଟ୍ ଓ କିସ୍ ଜରିଆରେ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ଯେଉଁ ସୁଯୋଗ ସୃଷ୍ଟି କରିଛନ୍ତି ତାର ସଫଳ ରୂପାୟନ ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ଆହୁରି ଅଧିକ ପରିଶ୍ରମ କରିବାକୁ ପଡ଼ିବ ବୋଲି ସେ କହିଥିଲେ । ଏହି ଅବସରରେ କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶାର ବିଶିଷ୍ଟ ପର୍ବତାରୋହୀ ବିଭାରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧନା ସହ ୫୦ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଶେଷରେ କିଟ୍ କ୍ରୀଡ଼ା ମୁଖପତ୍ର ଉନ୍ମୋଚିତ ହୋଇଥିଲା । ସେହିପରି କିସ୍‌ରେ ମଧ ରାଷ୍ଟ୍ରୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାଟାଲିଟିକ୍ ଇନୋଭେଟର୍‌ସ ଗ୍ରୁପ୍‌ର ମୁଖ୍ୟ ତଥା ପ୍ରତିଷ୍ଠାତା ଡ. ଅଖତାର ବାଦଶାହ କ୍ରୀଡ଼ା କ୍ଷେତ୍ରରେ କିସ୍‌ର ଯୋଗଦାନର ଭୂୟସୀ ପ୍ରଶଂସା କରିଥିଲେ । କିଟ୍ ଓ କିସ୍ ପରିଦର୍ଶନ କରି ସେ ବେଶ ବିମୋହିତ ହୋଇପଡ଼ିଥିବା ପ୍ରକାଶ କରିଥିଲେ । ଶ୍ରୀ ସାମନ୍ତଙ୍କ ଦ୍ୱାରା ଏଭଳି ପ୍ରୟାସ ବିରଳ ବୋଲି ସେ ମତ ଦେଇଥିଲେ । ଦୀର୍ଘ ୩୦ବର୍ଷ ତଳେ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ଜନଜାତି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରାଇପାରିଥିବାରୁ ଶ୍ରୀ ସାମନ୍ତଙ୍କୁ ସେ ଧନ୍ୟବାଦ ଜଣାଇଥିଲେ । ଡ. ଅଖତାରଙ୍କ ସହ ଡ. ଅଳକା ଗୁପ୍ତା ବାଦଶାହ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ ରାଜ୍ୟ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷଚନ୍ଦ୍ର ପାତ୍ର

ତାଳଚେର:(ପି.ଏନ): ଓଡିଶା ପ୍ରଦେଶ ଭାରତୀୟ ଜନତା ପାର୍ଟିର ଭୀଷ୍ମ ପିତାମହ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କୁ ତାଙ୍କର ତାଳଚେର ସ୍ଥିତ ବାସଭବନରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭେଟି ତାଙ୍କର ଆଶୀର୍ବାଦ ନେବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି ।ତାଙ୍କର ସୁଦୀର୍ଘ ଓ ନିରାମୟ ଜୀବନ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର ।ଓଡିଶା ସରକାର ଜନସାଧାରଣଙ୍କ ପାଇଁ କିପରି ଗୁରୁତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିବ ଡକ୍ଟର ପ୍ରଧାନଙ୍କ ବହୁମୂଲ୍ୟ ପରାମର୍ଶ ଓ ତୀକ୍ଷ୍ଣ ଅନୁଭୂତି ସମ୍ପର୍ଣ୍ଣ ଉଚିତ୍ ମାର୍ଗଦର୍ଶନ ପ୍ରାପ୍ତ କଲେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି ।

## ସ୍ୱାୟତ ଶାସନ ଦିବସ ଉପଲକ୍ଷେ ପ୍ରତିଯୋଗିତା ଆୟୋଜିତ



କେନ୍ଦ୍ରାପଡ଼ା,(ପି.ଏନ): ସ୍ୱାୟତ ଶାସନ ଦିବସ ଆସନ୍ତା ୩୧ ତାରିଖରେ କେନ୍ଦ୍ରାପଡ଼ା ପୌରପରିଷଦ ଟାଉନ ହଲରେ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ପୌରପରିଷଦ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଟାଉନ ହଲରେ ଗତ ୨୬ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ବକ୍ତୃତା, ଚିତ୍ରାଙ୍କନ ଓ ନୃତ୍ୟ ବିଭାଗରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପୌରପରିଷଦର ଅଧ୍ୟକ୍ଷା ସରିତା ସାହୁଙ୍କ ଉପସ୍ଥିତି ଓ ନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ପ୍ରତିଯୋଗୀତା ସମ୍ପର୍ଣ୍ଣ ହୋଇଯାଇଛି । କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୩୧ ତାରିଖ ସଂଧ୍ୟାରେ ଅନୁଷ୍ଠିତ ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# କେନ୍ଦ୍ରାପଡାରେ ଜାତୀୟ କ୍ରୀଡାଦିବସ ପାଳିତ



କେନ୍ଦ୍ରାପଡ଼ା,(ପି.ଏନ): ଭାରତର କିମ୍ବଦନ୍ତୀ ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ସ୍ମୃତିରେ ପ୍ରତି ବର୍ଷ ଅଗଷ୍ଟ ୨୯ ତାରିଖରେ ପାଳିତ ହୁଏ ଜାତୀୟ କ୍ରୀଡ଼ା ଦିବସ । ଏହି ଉପଲକ୍ଷେ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ (କ୍ରୀଡା ବିଭାଗ) ଆନୁକୂଲ୍ୟରେ ଜାତୀୟ କ୍ରୀଡ଼ା ଦିବସ ୨୦୨୪ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଆୟୋଜିତ ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ । ହକି ଜାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ପରେ ସେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମସ୍ତଙ୍କୁ କ୍ରୀଡା ଦିବସର ଶୁଭେଚ୍ଛା ଜ୍ଞାପନ କରିଥିଲେ । ମେଜର ଧ୍ୟାନଚାନ୍ଦଙ୍କ ଆଦର୍ଶ, କ୍ରୀଡା ପ୍ରତି ତାଙ୍କର ସମର୍ପଣଭାବ ଓ ପ୍ରତିବଦ୍ଧତା ଗୁଣକୁ ପାଥେୟ କରି କ୍ରୀଡ଼ାରେ ଉଲ୍ଲେଖନୀୟ ସଫଳତା ପ୍ରାପ୍ତି ପାଇଁ ଉପସ୍ଥିତ ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଜଣାଇଥିଲେ । ଜୀବନରେ କ୍ରୀଡାର ଆବଶ୍ୟକତା ଓ କ୍ରୀଡାବିତଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ ସହ ଏହି ଦିବସରେ ସମସ୍ତେ ଫିଟ୍ ରହିବା ପାଇଁ ସେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ପିଢି ପିଢି ଧରି ପ୍ରେରଣାର ଉତ୍ସ ହୋଇ ଆସିଥିବା ଧ୍ୟାନଚାନ୍ଦଙ୍କ ହକି ପ୍ରତି ନିଷ୍ଠା ଓ ଆଦର୍ଶକୁ ମନେପକାଇବା ସହ କ୍ରୀଡା ସଂସ୍କୃତିର ବିକାଶ ଏବଂ କ୍ରୀଡାବିତଙ୍କୁ ସମ୍ମାନ ଦେବାହିଁ ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି ମତ ପ୍ରକାଶ କରିଥିଲେ । କ୍ରୀଡା ପ୍ରତି ସମର୍ପଣ ଭାବ ରଖିବା ସହ ଶୃଙ୍ଖଳା ଓ ଚରିତ୍ର ପ୍ରତି ଗୁରୁତ୍ୱାରୋପ କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅୟୋଜିତ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଜିଲ୍ଲାପାଳ ଶ୍ରୀ ପ୍ରଧାନ । କଲେକ୍ଟରେଟରୁ ବାହାରି ଥିବା ଏହି ରାଲି ବିଭିନ୍ନ ସ୍ଲୋଗାନ୍ ଦେଇ ସହର ପରିକ୍ରମା କରିଥିଲା । ଏହି ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ସଭାରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଅକମଲ୍ ଅଲ୍ଲୀ, ବିଭିନ୍ନ ସ୍କୁଲ କଲେଜର ଶିକ୍ଷକ ଓ ଛାତ୍ରଛାତ୍ରୀ ଏବଂ ଜିଲ୍ଲା ପ୍ରଶାସନର କର୍ମକର୍ତ୍ତା, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ରହିଥିବା ବେଳେ ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂହ ।

## ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦେଲେ; ପଞ୍ଚାୟତ ସମିତି ଜନ ପ୍ରତିନିଧି ସଂଘ

ସେମିଳିଗୁଡା:(ପି ନ ଏ) କୋରାପୁଟ ଜିଲ୍ଲା ସେମିଳିଗୁଡା ପଞ୍ଚାୟତ ସମିତି ଜନ ପ୍ରତିନିଧି ସଂଘ ପକ୍ଷରୁ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୃଷ୍ଟିସୁହାସିନୀ ମଲ୍ଲିକଙ୍କ ମନମୁଖୀ କାର୍ଯ୍ୟ କଳାପ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋରାପୁଟ ଜିଲ୍ଲାପାଳ ଙ୍କୁ ଦ୍ୱିତୀୟ ଥର ପାଇଁ ଦାବି ଜଣାଇଛନ୍ତି । ସେମିଳିଗୁଡା ପଞ୍ଚାୟତ ସମିତିର ୨୮ ଜଣ ନିର୍ବାଚିତ ପ୍ରତିନିଧି, ସରପଞ୍ଚ, ସମିତି ସଭ୍ୟ ଓ ସଭ୍ୟା ଅଭିଯୋଗ କରିଛନ୍ତି ।ଯେ ପ୍ରତ୍ୟେକ ୫ - ଟି ବିଦ୍ୟାଳୟ ଗୁଡିକରେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ନିଜେ ଠିକାଦାର ଧରି ନିମ୍ନ ମାନର କାର୍ଯ୍ୟ କରାଉଛନ୍ତି । ନିମ୍ନ ମାନର ଓ ଅନାବଶ୍ୟକ ଖେଳ ସାମଗ୍ରୀ ନିଜେ କିଣି ପଞ୍ଚାୟତ ମାନଙ୍କରେ ଛାଡିଛନ୍ତି ।ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ସ୍କିମ ମେଟେରିଆଲ ବିଲ ବାବଦକୁ ଆସୁଥିବା ଟଙ୍କାରୁ ୩୦ ପ୍ରତିଶତ ପଇସା ନେଉଛନ୍ତି । ଏତଦ୍ ବ୍ୟତୀତ ସେ, କନିଷ୍ଠ ଯନ୍ତ୍ରୀ ମାନଙ୍କ ସହ ସମ୍ବନ୍ୟ ରଖୁ ନ ଥିବା ହେତୁ ପଞ୍ଚାୟତ ସମିତିର ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଯୋଗୁଁ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୃଷ୍ଟି ସୁହାସିନୀ ମଲ୍ଲିକଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଲିଖିତ ପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ସାତ ଦିନ ମଧ୍ୟରେ ଶ୍ରୀମତୀ ମଲ୍ଲିକଙ୍କୁ ବଦଳି କରା ନ ଗଲେ ସେମିଳିଗୁଡା ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧି ବ୍ଲକ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

# ବେଦ ସ୍ୱାଧ୍ୟାୟର ଅନନ୍ୟ ପର୍ବ : ଶ୍ରାବଣୀ ଉପାକର୍ମ ଉଦ୍‌ଯାପିତ



ଭୁବନେଶ୍ୱର,(ପି.ଏନ): ଆର୍ଯ୍ୟ ସମାଜ, ଓଡ଼ିଶାର ଆହ୍ୱାନରେ ଶ୍ରାବଣ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ବୈଦିକ ପରମ୍ପରାର ଅନନ୍ୟ ପର୍ବ "ଶ୍ରାବଣୀ ଉପାକର୍ମ" ଶ୍ରୀକୃଷ୍ଣ ଜନ୍ମାଷ୍ଟମୀରେ ଉଦ୍‌ଯାପିତ ହୋଇଯାଇଛି ।ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପରେ ଭୁବନେଶ୍ୱରର ୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ଘରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ପ୍ରଫେସର ଡଃ ସଂଘମିତ୍ରା ମିଶ୍ରଙ୍କ ଶହୀଦ ନଗରସ୍ଥିତ ବାସଭବନରେ ବୈଦିକ ଯଜ୍ଞ ଓ ବେଦ ସ୍ୱାଧ୍ୟାୟ ସହ ୮ଦିନ ଧରି ଚାଲିଥିବା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି ବୋଲି ଆର୍ଯ୍ୟସମାଜ ଓଡ଼ିଶାର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଛନ୍ତି । ବୈଦିକ ଗୁରୁକୁଳ ଆଶ୍ରମ, ବେଦବ୍ୟାସ, ଗୁରୁକୁଳ ଆମସେନା, ସପ୍ତଶ୍ରୀ ଗୁରୁକୁଳ ବଲାଙ୍ଗୀର, ମନୁର୍ଭବ ଆଶ୍ରମ ଗୁରୁକୁଳ, ଭସ୍ମା ଓ ଖୋର୍ଦ୍ଧାସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ, ବେଦଧାମ, ଉସୁନା, ଶିବାନନ୍ଦ ତପୋଭୂମି, ତାଳଚେର ତପୋବନ ଶାନ୍ତି ଆଶ୍ରମ, ଚଣ୍ଢେଡ଼ି ଫୁଲବାଣୀ, ଶ୍ରୀବତ୍ସ ଗୋରକ୍ଷାଶ୍ରମ, ତନରଡ଼ାଠାରେ ବେଦପାଠୀ, ବ୍ରହ୍ମଚାରୀ, ସନ୍ନ୍ୟାସୀମାନଙ୍କ ଦ୍ୱାରା ପାଳନ ହୋଇଥିବା ବେଳେ ଆର୍ଯ୍ୟସମାଜ, ଶହୀଦ ନଗର, ଆର୍ଯ୍ୟସମାଜ ଭଦ୍ରକ, ବଡ଼ମାଳ, ଜଗତସିଂହପୁର, ରାଉରକେଲା, କେରଡ଼ାଗଡ଼, ବଲାଙ୍ଗୀର, ପାଟଣାଗଡ଼, ଏରଡ଼ା, ନନ୍ଦୀଘୋର, କାନପୁର, ପୋଲସରା, ବୁଗୁଡ଼ା, ଗୋଡ଼ଭଗା, ପାଇକମାଳ ପ୍ରମୁଖ ଶତାଧିକ ଆର୍ଯ୍ୟ ସମାଜରେ ମହାସମାରୋହରେ ବେଦ ପ୍ରଚାର, ସ୍ୱାଧ୍ୟାୟ କାର୍ଯ୍ୟକ୍ରମ ୮ଦିନ ଧରି ପାଳିତ ହୋଇଯାଇଛି ।ଏହି ସମସ୍ତ କାର୍ଯ୍ୟକ୍ରମ ମାନଙ୍କରେ ଆର୍ଯ୍ୟସନ୍ନ୍ୟାସୀ ଧର୍ମାନନ୍ଦ ମହାରାଜ, ଆଚାର୍ଯ୍ୟ ଡଃ ଦେବବ୍ରତ, ସ୍ୱାମୀ ମୁକ୍ତାନନ୍ଦ, ସ୍ୱାମୀ ସୁଧାନନ୍ଦ, ସ୍ୱାମୀ ସୋମବେଶ, ସ୍ୱାମୀ ଆତ୍ମାନନ୍ଦ, ସ୍ୱାମୀ ଭଗବତାନନ୍ଦ, ସ୍ୱାମୀ ବିଶୁଦ୍ଧାନନ୍ଦ, ଶ୍ରୁତିପ୍ରିୟ ବାନପ୍ରସ୍ଥି ପ୍ରମୁଖ ଯୋଗଦେଇ ବେଦମନ୍ତ୍ରର ବାଖ୍ୟା କରିବା ସହ ପ୍ରବଚନ ମାନଙ୍କରେ ଭାଗ ନେଇଥିଲେ ।ବିଭିନ୍ନ କାର୍ଯ୍ୟକ୍ରମରେ ରାଜନେତା, ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, କଂଗ୍ରେସ ନେତା ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଯୋଗ ଦେଇଥିଲେ । ବିଶିଷ୍ଟ ବିଦ୍ୱାନ ଇଂ ପ୍ରିୟବ୍ରତ ଦାସ, ଶ୍ରୀମତୀ ଶନ୍ନୋଦେବୀ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ଇଂ ବ୍ରଜବନ୍ଧୁ ପଣ୍ଡା, ପଣ୍ଡିତ ବୀରେନ୍ଦ୍ର କର, ପଣ୍ଡିତ ରଘୁନାଥ ନାୟକ, ଗାୟକ ଆହ୍ଲାଦ ସୁରେନ୍ଦ୍ର ଛୋଟରାୟ, ପାଲାଚାର୍ଯ୍ୟ ନାରାୟଣ ଶୁକ୍ଳା, ପଣ୍ଡିତ ବିନୋଦ ବିହାରୀ ଦାସ, ସହଦେବ ଶାସ୍ତ୍ରୀ, ଆଚାର୍ଯ୍ୟ ଧର୍ମରାଜ, ପଣ୍ଡିତ ଭୀମସେନ ଶାସ୍ତ୍ରୀ, ପଣ୍ଡିତ ଲକ୍ଷ୍ମୀଧର ପଣ୍ଡା ପ୍ରମୁଖ ଆଠଦିନ ବ୍ୟାପୀ ବୈଦିକ ଯଜ୍ଞରେ ପୁରୋଧା ଭାବେ କାର୍ଯ୍ୟ କରିବା ସହ ସାଧାରଣ ଜନତା ବେଦକୁ ବୁଝିବା ଭଳି ବୈଦିକ ପ୍ରବଚନ ଦେଇଥିଲେ । ଶତାଧିକ ସ୍ଥାନରେ ହୋଇଥିବା ଏହି ପର୍ବରେ ଡଃ ବୁଦ୍ଧଦେବ ମିଶ୍ର, ଡଃ ବଦ୍ରୀନାଥ ପଟ୍ଟନାୟକ, ଗୋପାଳକୃଷ୍ଣ ମହାପାତ୍ର, ସୁଧାଂଶୁ ସାମନ୍ତରାୟ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ସସ୍ତ୍ରୀକ ଜଜମାନ ଭାବେ ଯୋଗ ଦେଇଥିଲେ ।ଏହି ସମସ୍ତ କାର୍ଯ୍ୟକ୍ରମକୁ ଯଜ୍ଞପ୍ରକାଶ ଦାସ, ଡଃ ଗୋପାଳ ଦାସ, ଚିତ୍ତରଞ୍ଜନ ପଣ୍ଡା, ଦୁଷ୍ମନ୍ତ ସ୍ୱାଇଁ, ରବିନାରାୟଣ ଲେଙ୍କା, ବରୁଣ ରାଜ ଓ ସୁନିଲ କୁମାର ଦେ ପ୍ରମୁଖ ପରିଚାଳନା କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray